୬ ଦକ୍ଷିଣ ଆଫ୍ରିକା ଗସ୍ତରେ ଗମ୍ଭୀରଙ୍କ ସ୍ଥାନ ନେବେ ଭିଭିଏସ୍ ଲକ୍ଷ୍ମଣ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୭୦ ● ୨୯ ଅକ୍ଟୋବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-270 ● 29th October 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24

## ହେଲିକପ୍ଟରରେ ବାତ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# ନଭେମ୍ବର ୨ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦିଅ

**ବାଲେଶ୍ୱର, ୨୮।୧୦ : ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ସୋମବାର ବାଲେଶ୍ୱରସ୍ଥିତ ଡିଆରଡିଓ ସମ୍ମିଳନୀକକ୍ଷଠାରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ବାତ୍ୟା ଦାନା ଏବଂ ତତ୍‌ଜନିତ ବନ୍ୟା କ୍ଷୟକ୍ଷତିର ଆକଳନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପୂର୍ବରୁ



ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଆକାଶମାର୍ଗରୁ ବାଲେଶ୍ୱରସଦର, ସିମୁଳିଆ, ସୋର, ଖଇରା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ଅନୁଧ୍ୟାନ କରିଥିଲେ।

ବୈଠକ ପ୍ରାରମ୍ଭରେ ଉପସ୍ଥିତ ଥିବା ସମସ୍ତ ବିଧାୟକ ବୃନ୍ଦ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ବାତ୍ୟା ଓ ବନ୍ୟା ସମ୍ବନ୍ଧୀୟ ପୁନରୁଦ୍ଧାର ଓ ଜାରି ରହିଥିବା କାର୍ଯ୍ୟକଳାପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । *(ପୃଷ୍ଠା ୭ରେ)*

## ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ

**ଭୁବନେଶ୍ୱର, ୨୮।୧୦**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ ହଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ–୨୦୨୪ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତିକୁ ଦୃଢ ଭାବେ ବିରୋଧ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦୁର୍ନୀତି ହେଉଛି ଭୟଙ୍କର ମଧୁମେହ ରୋଗ ସଦୃଶ୍ୟ। ଦୁର୍ନୀତିର କୁପ୍ରଭାବ ପ୍ରଥମେ ଜଣାପଡିବ ନାହିଁ, ଧିରେ ଧିରେ ଏହା



ବ୍ୟକ୍ତିଗତ ସ୍ତରରେ ଓ ସମାଜ ସ୍ତରରେ ଭୟଙ୍କର କୁପ୍ରଭାବ ପକାଇଥାଏ। ଭାରତୀୟ ସମାଜରେ ଦୁର୍ନୀତିର କୁପ୍ରଭାବ ଯେ କେତେ ଥିଲା, ଏହା ଜାଣିବାକୁ ରକେଟ ବିଜ୍ଞାନର ଜ୍ଞାନ ଆବଶ୍ୟକତା ନାହିଁ । ଏ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ନିଜେ ଗୋଟିଏ ସାଧାରଣ ସଭାରେ କହିଥିଲେ ଯେ ମୁଁ ଦିଲ୍ଲୀରୁ ଗୋଟିଏ ଟଙ୍କା ପଠାଇଲେ ହିତାଧିକାରୀ ମାତ୍ର ୧୫ ପଇସା ପାଉଛି । ଏଠାରେ ପ୍ରଶ୍ନ ହୁଏ, ଯେ ବାକି ୮୫ ପଇସା *(ପୃଷ୍ଠା ୭ରେ)*

# ବାଲିଯାତ୍ରା ଉଦ୍‌ଘାଟନ କରିପାରନ୍ତି ମୋଦି



**କଟକ, ୨୮।୧୦**
**ନ୍ୟୁଜ୍ ବ୍ୟୁରୋ**

ଐତିହାସିକ କଟକ ବାଲିଯାତ୍ରା ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା ପାଇଁ ଆସିପାରନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହିଗସ୍ତ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରାଶାସନିକ ସ୍ତରରେ ବି ଏଥିପାଇଁ ଏକପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିବାର ଶୁଣିବାକୁ ମିଳୁଛି । ନଭେମ୍ବର ୧୫ରେ ପ୍ରଧାନମନ୍ତ୍ରୀ ରାଉରକେଲା ଗସ୍ତରେ ଆସୁଥିବାରୁ ଏଭଳି ଚର୍ଚ୍ଚାର ଗୁରୁତ୍ୱକୁ ବଢାଇଦେଇଛି । ତାଛଡ଼ା, ଚଳିତବର୍ଷର ବାଲିଯାତ୍ରା ସ୍ମରଣିକାରେ ପ୍ରଥମଥର ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପ୍ରକାଶ ପାଇବାକୁ ଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗତବର୍ଷ ବାଲି ଠାରେ କଟକର ବାଲିଯାତ୍ରା ସମ୍ପର୍କରେ କହି ଆନ୍ତର୍ଜାତିକ ସ୍ତରରେ ଏହାର ମାନ ବୃଦ୍ଧି କରିଥିଲେ । ଏସବୁ ଦୃଷ୍ଟିରୁ ଚଳିତବର୍ଷର ବାଲିଯାତ୍ରା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ ପାରନ୍ତି ବୋଲି ଆଲୋଚନା ହେଉଛି।

ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*

# ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ ହେବ

**ଭୁବନେଶ୍ୱର, ୨୮।୧୦**
**ନ୍ୟୁଜ୍ ବ୍ୟୁରୋ**

ଆୟୁଷ୍ମାନ ଭାରତ ଯୋଜନାର ପାର୍ଟ ୨ ମଙ୍ଗଳବାର ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଯାଉଛି। ଯାହାକୁ ଓଡ଼ିଶା କେବଳ ଗ୍ରହଣ କରିବ । ଯେହେତୁ ଓଡ଼ିଶାରେ ପୂର୍ବରୁ ଆୟୁଷ୍ମାନ ଯୋଜନା ଲାଗୁ ହୋଇନଥିଲା, ତେଣୁ ତାର ମୋଡାଲିଟି ବି ପ୍ରସ୍ତୁତ ହୋଇନାହିଁ । ଆମେ ଖୁବ ଶୀଘ୍ର ମୋଡାଲିଟି ପ୍ରସ୍ତୁତ କରି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାକୁ ଲାଗୁ କରିବୁ । ଏଭଳି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ।

ସେ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆୟୁଷ୍ମାନ *(ପୃଷ୍ଠା ୭ରେ)*

# ତୃତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ସୁଭଦ୍ରା ଟଙ୍କା ଖୁବ ଶୀଘ୍ର ଦିଆଯିବ : ପ୍ରଭାତୀ ପରିଡା

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

**ଭୁବନେଶ୍ୱର, ୨୮।୧୦**
**ନ୍ୟୁଜ୍ ବ୍ୟୁରୋ**

ସୁଭଦ୍ରା ଯୋଜନା ନେଇ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ସେ କହିଛନ୍ତି ଖୁବ ଶୀଘ୍ର ତୃତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ସୁଭଦ୍ରା ଟଙ୍କା ଦିଆଯିବ। ଏନେଇ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯିବ।

ଏଯାଏଁ ୧ କୋଟି ୬୦ ହଜାର ମହିଳା ଆବେଦନ *(ପୃଷ୍ଠା ୭ରେ)*

# ମଠମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ନୂଆ ଯୋଜନା ଆଣୁଛନ୍ତି ରାଜ୍ୟ ସରକାର



**ଭୁବନେଶ୍ୱର, ୨୮।୧୦**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ମଠମନ୍ଦିରଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସହ ପରିଚଳନା ସମସ୍ୟା ସମାଧାନ ପାଇଁ ଦେବାଳୟ ଯୋଜନା ନାମରେ ଏକ ନୂଆ ଯୋଜନା ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯେଉଁ ମଠ ମନ୍ଦିରଗୁଡ଼ିକରେ ମରାମତି, ରକ୍ଷଣାବେକ୍ଷଣ, ପରିଚାଳନା ସମସ୍ୟା ରହିଛି, ତାହାର ସମାଧାନ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଖୁବ୍‌ଶୀଘ୍ର ଏହାର ନିର୍ଦ୍ଦିଷ୍ଟ ରୂପରେଖ ଚୂଡ଼ାନ୍ତ ହେବ । ଓଡ଼ିଶାର ସଂସ୍କୃତି ଯେଉଁ ମଠ ମନ୍ଦିର ସହ ଜଡ଼ିତ ରହିଛି *(ପୃଷ୍ଠା ୭ରେ)*

ସତ୍ୟମେବ ଜୟତେ
भारत सरकार
भारतीय डाक
India Post
ଯୁବ ସଶକ୍ତିକରଣ ମାଧ୍ୟମରେ ବିକଶିତ ଭାରତ ନିର୍ମାଣ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା
ରୋଜଗାର ମେଳା
ର ଅନ୍ତର୍ଗତ
୫୧,୦୦୦ରୁ ଅଧିକ ସରକାରୀ ଚାକିରିରେ ଚୟନୀତ ଯୁବାଙ୍କୁ ୪୦ ସ୍ଥାନରେ ନିଯୁକ୍ତିପତ୍ର ବିତରଣ
୨୯ ଅକ୍ଟୋବର, ୨୦୨୪ | ପୂର୍ବାହ୍ନ ୧୦.୩୦ରେ
(ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ)
ଭାରତ ସରକାର ଓ ସହଯୋଗୀ ରାଜ୍ୟ ସରକାରଙ୍କ ଦ୍ୱାରା ମିଳିତ ଭାବେ ରୋଜଗାରର ଲକ୍ଷ୍ୟ ଅବସରର ସୃଷ୍ଟି
ପେପର ଲିକ୍ ବିରୁଦ୍ଧରେ କଡା ଆଇନ୍ ଆଣି ଯୁବାଙ୍କ ଭବିଷ୍ୟତ ସହିତ ଖେଳୱାଡ ଉପରେ ଲାଗୁ ହେଲା ଅଙ୍କୁଶ
ଅନ୍‌ଲାଇନ୍ ସିଷ୍ଟମରେ ଖାଲି ପଦ ଓ ନିଯୁକ୍ତି ପ୍ରକ୍ରିୟାର ନିରନ୍ତର ନଜର
ମହିଳା, ଭିନ୍ନକ୍ଷମ ଓ ଆକାଂକ୍ଷୀ ଜିଲ୍ଲାରେ ପ୍ରାର୍ଥୀଙ୍କୁ ବିଶେଷ ଲାଭ
ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଲୱେ ନିଯୁକ୍ତି ବୋର୍ଡ ଓ ଆଇବିପିଏସ୍ ଭଳି ପ୍ରତିଷ୍ଠିତ ଏଜେନ୍ସି ମାଧ୍ୟମରେ ନିଯୁକ୍ତି
ଚୟନୀତ ପ୍ରାର୍ଥୀଙ୍କ ପ୍ରଶିକ୍ଷଣ ନିମନ୍ତେ ଆଇ-ଗ୍ୟାଣ୍ଟ କର୍ମଯୋଗୀ ପୋର୍ଟାଲରେ ୧୪୦୦ରୁ ଅଧିକ ପାଠ୍ୟକ୍ରମ ତଥା କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ ଉପଲବ୍ଧ
DD NEWS
ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
ପ୍ରଶିକ୍ଷଣ ସମ୍ବନ୍ଧୀୟ ଅଧିକ ଜାଣିବା ପାଇଁ କର୍ମଯୋଗୀ ମଡ୍ୟୁଲ ୱେବ୍‌ସାଇଟ୍ https://igotkarmayogi.gov.in/ କୁ ଯାଆନ୍ତୁ ଓ କୋଡ୍‌କୁ ସ୍କାନ୍ କରନ୍ତୁ
CBC 06301/13/0003/2425



# କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ-୨୦୨୪'ର ଶୁଭାରମ୍ଭ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଜିଲ୍ଲା ସଦର ମହକୁମା କୋରାପୁଟ ଠାରେ ଆୟୋଜିତ ଆଦିବାସୀ ଉତ୍ସବ 'ପରବ' ନାମରେ ପରିଚିତ। ଏହା କୋରାପୁଟ ଜିଲ୍ଲାରେ ପାଳିତ ହେଉଥିଲେ ମଧ୍ୟ ରାଜ୍ୟ ସ୍ତରୀୟ ଉତ୍ସବର ମାନ୍ୟତା ପାଇଛି। ମାସ ବ୍ୟାପୀ ପାଳିତ ହେଉଥିବା ଏହି ଉତ୍ସବରେ ଖେଳ, ନାଚ, ଗୀତ, ନୌକା ଚାଳନା, ତୀର ଚାଳନା, କବି ସମ୍ମିଳନୀ ଆଦି ଅନୁଷ୍ଠିତ ହୋଇଥାଏ। ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ମାନେ ଏହି ଉତ୍ସବରେ ଭାଗ ନେଇଥାନ୍ତି। ଜିଲ୍ଲାସ୍ତରରେ ମୁଖ୍ୟ ଉତ୍ସବ ୩ ଦିନ ପାଳିତ ହେଉଥିଲେ ମଧ୍ୟ ପଲ୍ଲୀଶ୍ରୀ ମେଳା ୫ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଏହି ଉତ୍ସବକୁ ଉପଭୋଗ କରିବାପାଇଁ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ଚଳିତ ବର୍ଷ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ସ୍ଥିତ ମା' ମଉଳୀ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହେଲା ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୨୪'। ସେମିଳିଗୁଡା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମା' ମଉଳୀ ମନ୍ଦିରରେ ପୂଜାର୍ଚ୍ଚନା ସହ ଏହି ଲୋକ ମହୋତ୍ସବ ପାଇଁ ବିଗୁଲ ବାଜିଛି। ଉତ୍ସବରେ ସାମିଲ ହୋଇଥିଲେ ୧୪ଟି ବ୍ଲକର ଲୋକପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ କଳାକାର ଓ ଜନସାଧାରଣ। ପ୍ରାୟ ୧୦ ହଜାର ଲୋକ ସମାଗମ ସାଙ୍ଗକୁ ନାଚଗୀତରେ ଦୁଲୁକି ଥିଲା ସେମିଳିଗୁଡ଼ା ବ୍ଲକ। ମଉଳୀ ମା'ଙ୍କ ମନ୍ଦିରରୁ ଆରମ୍ଭ ହୋଇଛି କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ'। ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଗୀତରେ ପ୍ରକମ୍ପିତ ହୋଇଥିଲା ସେମିଳିଗୁଡ଼ା। କୋରାପୁଟ ନିଶାଣିମୁଣ୍ଡା ଠାରେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଦୁଧାରୀ ସ୍ଥିତ ମା' ମଉଳୀ ମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ସହ ମଶାଲ ପ୍ରଜ୍ୱଳନ କରି ବିରାଟ ଶୋଭାଯାତ୍ରାରେ ମଶାଲ ବାହାରି ଗ୍ରାଉଣ୍ଡରେ ପହଞ୍ଚିଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉଦ୍‌ଘାଟନ ଉତ୍ସବ ପରେ ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ସ୍ତରରେ 'ପରବ' ପାଳନ କରାଯିବ। ଏହା ପରେ ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ କୋରାପୁଟରେ ଆୟୋଜନ କରାଯିବ। ଗାଁ ଗହଳିର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ 'ପରବ' ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଛନ୍ତି ସ୍ଥାନୀୟ ଲୋକ ଓ କଳାକାର। ଏହି ଲୋକ ମହୋତ୍ସବକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଉଭୟରେ ପ୍ରତିବର୍ଷ ଚେଷ୍ଟା କରାଯାଉଥିବା କହିଛନ୍ତି କୋରାପୁଟ ଜିଲ୍ଲାପାଳ। ଏଥିରେ ସାମିଲ ହୋଇ ଖୁସି ବ୍ୟକ୍ତ କରିଥିଲେ ସ୍ଥାନୀୟ କଳାକାର ଓ ଅଧିବାସୀ। ଏହି ଉତ୍ସବରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ସମେତ କୋଟପାଡ଼ ବିଧାୟକ ରୂପ ଭତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ଡ଼ିଆଇଜି, କୋରାପୁଟ ଆରକ୍ଷୀ ଅଧିକ୍ଷକ, ବି. ଏମ୍. କୋରାପୁଟ, ପଞ୍ଚାୟତ ସମିତି ସେମିଳିଗୁଡା ସଭାପତି, ଦୁଧାରୀ ପଞ୍ଚାୟତ ସରପଞ୍ଚ, ଏଡିଏମ୍, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜୟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ୨୭ ତମ 'ପରବ' ମହୋତ୍ସବକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଓ ସହରାଞ୍ଚଳରେ ଆୟୋଜିତ ହେବାକୁ ଥିବା 'ପରବ'ରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଚୟନ କରାଯିବ ଓ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯିବ।

# ମହିଳାଙ୍କୁ ଛୁରି ଦେଖାଇ ସୁନାହାର ଲୁଟ୍

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା କୋଲାବ ଅଞ୍ଚଳରେ ଲୁଟ୍। ୩ ଦୁର୍ବୃତ୍ତ ମହିଳାଙ୍କୁ ଛୁରି ଦେଖାଇ ଲୁଟ୍ କରିଥିଲେ। ମହିଳା ପିନ୍ଧିଥିବା ସୁନା ଖାସୁ ମାଳ ଲୁଟ୍ କଲେ। ଏହି ଘଟଣା ଅଞ୍ଚଳରେ ଚହଳ ସୃଷ୍ଟି କରିଛି। ରବିବାର ସକାଳୁ ମାର୍କେଟ ଲାଇନର ୨ ଜଣ ପଡ଼ୋଶୀ ସୁବାସିନି ଖରା ଓ ଜଇନ୍ତୀ ଡାକୁଆ ମହିଳା ପ୍ରାତଃ ଭ୍ରମଣରେ ଘରୁ ବାହାରି ଧଉଡ଼ାପଦର ଯାଇ ଫେରିବା ବେଳେ ସକାଳ ୬ଟା ୩୦ ମିନିଟ୍ ସମୟରେ ଓସିସି ଗଡ଼ାଣିଆ ରାସ୍ତାରେ ବିପରୀତ ଦିଗରୁ ୩ ଜଣ ଦୁର୍ବୃତ୍ତ ଧଳା ରଙ୍ଗର ବାଇକ୍‌ରେ ଆସି ମହିଳାଙ୍କ ନିକଟରେ ବାଇକ୍ ରଖି ଛୁରି ଦେଖାଇ ଭୟଭୀତ କରି ସୁବାସିନି ଖରା ବେକରେ ପିନ୍ଧିଥିବା ପ୍ରାୟ ୩ ଭରିର ସୁନା ଖାସୁ ମାଳ ଲୁଟ୍ କରିଥିଲେ। ଅନ୍ୟ ଜଣକ ବେକରେ କିଛି ନଥିବାରୁ ତାଙ୍କୁ ଛାଡ଼ି ଦେଇଥିଲେ। ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ଘୋଡ଼ାଇଥିବାରୁ କେହି ଚିହ୍ନି ପାରି ନଥିଲେ। ପୋଲିସର ନିଷ୍କ୍ରିୟତା ଯୋଗୁଁ ପ୍ରତ୍ୟେକ ଦିନ ଏପରି ଘଟଣା ଘଟୁଛି। ଜନ ସାଧାରଣଙ୍କ କହିବା ଅନୁଯାୟୀ କୋଲାବ ଅଞ୍ଚଳ କୋରାପୁଟ, ଜୟପୁରର ଅନ୍ଧାରିଆ ମଧ୍ୟ ସ୍ଥଳ ସମସ୍ତ ପ୍ରକାର ଅପରାଧର ପେଷସ୍ଥଳି ଭାବେ ପରିଚିତ। ଉକ୍ତ ଅଞ୍ଚଳରେ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟ ହେଲେ ମଧ୍ୟ ଲୋକେ ଚୁପ୍ ରହିବାକୁ ବାଧ୍ୟ ହେଉଛନ୍ତି। ପାଟି ଖୋଲିଲେ ସଂଘବଦ୍ଧ ଆକ୍ରମଣ ମଧ୍ୟ ହେଉଥିବା ନଜିର ରହିଛି। ଏଠି ଚୋର, ପୋଲିସର ଭାଇ ଭାଇର ସମ୍ପର୍କ ରହିଛି। ପ୍ରାୟ ୨୦୧୬ ମସିହା ଠାରୁ ଏହି ଅପରାଧର ମଞ୍ଜି ବୁଣି ଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ପ୍ରତ୍ୟେକ ଦିନ କୋଲାବ ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡାରେ ଜୁଆ ଖେଳିବାକୁ ବାହାରୁ ଜୁଆଡ଼ି ମାନେ ଆସନ୍ତି। ରାତିରେ ଜୁଆ ଖେଳି ସକାଳୁ ଏପରି କାଣ୍ଡ ଭିଆଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ବଡ଼ଦାଣ୍ଡରେ ଉଠାଦୋକାନୀଙ୍କ ଧାରଣା : ତିନି ଜଣ ଅଚେତ୍

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ବଡ଼ଦାଣ୍ଡ ମିଳିତ ଉଠାଦୋକାନୀ ବ୍ୟବସାୟୀ ମହାସଂଘ ପକ୍ଷରୁ ଧାରଣା ୩ୟ ଦିନରେ ପହଞ୍ଚିଛି। ପେଟପାଟଣା ଜୀବନଜୀବିକା ପାଇଁ ଗତ ତିନି ଦିନ ଧରି ପୁରୁଷ ଓ ମହିଳା ଉଠାଦୋକାନୀ ଧାରଣାରେ ବସିଛନ୍ତି। ରବିବାର ପୂର୍ବାହ୍ନରେ ହଠାତ ସଂଘର ତିନି ଜଣ ସଦସ୍ୟ ଅଚେତ ହୋଇପଡ଼ିବାରୁ ସେମାନଙ୍କୁ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ମଞ୍ଜୁ ବରାଳ (୬୫), ସୁକାନ୍ତି ମହାନ୍ତି (୬୫) ଓ କୃଷ୍ଣ ଚନ୍ଦ୍ର ବେହେରା (୫୫ )। ଉଚ୍ଛେଦ ସମୟରେ ୨ ମାସ ମଧ୍ୟରେ ଥଇଥାନ କରିବାକୁ ପ୍ରଶାସନ ସେତେବେଳେ ପ୍ରତିଶ୍ରୁତି ଦେଇଥିଲା। ୧୦ ମାସ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଥଇଥାନ କରିପାରିଲେ ନାହିଁ ପ୍ରଶାସନ। ଉଠାଦୋକାନୀମାନେ ଦାବି କରିଛନ୍ତି ଯେ, ସେମାନେ ଶ୍ରୀସେତୁ ନୁହେଁ, ବଡ଼ଦାଣ୍ଡରେ ବ୍ୟବସାୟ କରିବେ। ଜିଲ୍ଲାପାଳଙ୍କ ସହ କବାଟ ବନ୍ଦ କରି ଆଲୋଚନା କରିବୁ ନାହିଁ। ଖୋଲାରେ ଏବଂ ସମସ୍ତଙ୍କ ସମ୍ମୁଖରେ ଆଲୋଚନା କରାଯାଉ ବୋଲି ପ୍ରଶାସନିକ ଅଧିକାରୀଙ୍କୁ ସଂଘ ପ୍ରସ୍ତାବ ଦେଇଛି। ଥଇଥାନ ନହେଲା ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ୧୨୦୮ଜଣ ଉଠାଦୋକାନୀ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଧାରଣାରେ ବସିବେ ବୋଲି ମିଳିତ ଉଠାଦୋକାନୀ ବ୍ୟବସାୟୀ ମହାସଂଘ ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ଶତାଧିକ ଉଠାଦୋକାନୀ ଯୋଗ ଦେଇଛନ୍ତି।

## ଟିପିଡ଼ବ୍ଲ୍ୟୁଓଡିଏଲ ତରଫରୁ 'ପେ ଆଣ୍ଡ ୱିନ୍-ଖୁଲ ଜା ସିମ୍‌ସିମ୍' କାର୍ଯ୍ୟକ୍ରମ

# ପଶ୍ଚିମ ଓଡ଼ିଶାର ୯ ଜିଲ୍ଲାର ୧୭୧ ଜଣ ବିଦ୍ୟୁତ୍ ଉପଭୋକ୍ତା ପୁରସ୍କୃତ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ଚଳିତ ଅକ୍ଟୋବର ମାସର ୨୧ ତାରିଖ ଦିନ ବଲାଙ୍ଗୀର ବିଦ୍ୟୁତ୍ ମଣ୍ଡଳ ଅଧିନସ୍ଥ ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ୩୩ ଜଣ ଉପଭୋକ୍ତାଙ୍କୁ 'ପେ ଆଣ୍ଡ ୱିନ୍ – ଖୁଲଜା ସିମ୍‌ସିମ୍' କାର୍ଯ୍ୟକ୍ରମ ଯୋଜନାରେ ପୁରସ୍କୃତ କରାଯାଇଥିଲା। ଶୂନ୍ୟ ବକେୟା ଥିବା ଉପଭୋକ୍ତା ମାନଙ୍କୁ ଏହି ଲକି ଡ୍ର କାର୍ଯ୍ୟକ୍ରମରେ ସାମିଲ କରାଯାଇ ବଲାଙ୍ଗୀର ମଣ୍ଡଳ ଅନ୍ତର୍ଗତ ୧୧ଟି ସବଡ଼ିଭିଜନର ୩୩ ଜଣ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତି ସବଡ଼ିଭିଜନରୁ ୩ ଜଣ ବିଜେତାଙ୍କୁ ଏକ ସଂଖ୍ୟା ଭିତ୍ତିକ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇ ଥିଲା। ପ୍ରଥମ ବିଜେତାଙ୍କୁ ସ୍ମାର୍ଟ ଫୋନ୍, ଦ୍ୱିତୀୟ ବିଜେତାଙ୍କୁ ମ୍ୟୁଜିକ୍ ପ୍ଲେୟାର ଏବଂ ତୃତୀୟ ବିଜେତାଙ୍କୁ ସୋଲାର୍ ଲ୍ୟାମ୍ପ୍ ପ୍ରଦାନ କରାଯାଇଛି। ଟିପିଡ଼ବ୍ଲ୍ୟୁଓଡ଼ିଏଲ ତରଫରୁ ସମସ୍ତ ବିଜେତାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟୁତ୍ ଉପଭୋକ୍ତା ମାନଙ୍କ ମଧ୍ୟରେ ବିଦ୍ୟୁତ ଅପଚୟକୁ ରୋକିବା ଏବଂ ଏକ ଦାୟିତ୍ୱ ସମ୍ପର୍ଣ୍ଣ ବ୍ୟକ୍ତି ଭାବରେ ନିୟମିତ ବିଦ୍ୟୁତ ବିଲ୍ ପୈଠ କରିବା ସହିତ ନିଜ ରାଜ୍ୟ ତଥା ଦେଶର ପ୍ରଗତିରେ ସହଯୋଗ କରିବା। ସେହିପରି ଏହି ଅକ୍ଟୋବର ମାସର 'ପେ ଆଣ୍ଡ ୱିନ୍ – ଖୁଲଜା ସିମ୍‌ସିମ୍' କାର୍ଯ୍ୟକ୍ରମ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ମୋଟ ୧୭୧ ଜଣ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଟିପିଡ଼ବ୍ଲ୍ୟୁଓଡିଏଲ ତରଫରୁ ପୁରସ୍କୃତ କରାଯାଇଛି ଏବଂ ଏହା ଆଗାମୀ ଦିନରେ ପ୍ରତି ମାସ ନିୟମିତ ଶୂନ୍ୟ ବକେୟା ଥିବା ଲକି ଭାଗ୍ୟଶାଳୀ ଉପଭୋକ୍ତାମାନଙ୍କୁ ପୁରସ୍କୃତ କରାଯିବ। ମୁଖ୍ୟ କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ଟିପିଡ଼ବ୍ଲ୍ୟୁଓଡିଏଲ୍, କର୍ପୋରେଟ କାର୍ଯ୍ୟାଳୟ, ବୁର୍ଲା ଏହି ସୂଚନା ଦେଇଛନ୍ତି।

# ଚିଙ୍ଗୁଡ଼ି ଘେରିରେ ପଶିଲା କୁମ୍ଭୀର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚିଙ୍ଗୁଡ଼ି ଘେରିରେ ପଶିଲା କୁମ୍ଭୀର। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ଚାଉଳିଆକୋହ୍ଲା ଗ୍ରାମ ନିକଟସ୍ଥ ଏକ ଚିଙ୍ଗୁଡ଼ି ଘେରିକୁ କୁମ୍ଭୀର ପଶି ଆସିଥିବା ଏବଂ ପାଣିରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଚିଙ୍ଗୁଡ଼ି ଘେରି ମାଲିକ ପାଣିରେ କୁମ୍ଭୀର ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ଭିତରକନିକା ଅଭୟାରଣ୍ୟକୁ ସଂଯୋଗ ହୋଇଥିବା ବ୍ରାହ୍ମଣୀ ନଦୀରୁ କୁମ୍ଭୀରଟି ଚିଙ୍ଗୁଡ଼ି ଘେରି ମଧ୍ୟକୁ ପଶି ଆସିଥିବା ଅନୁମାନ କରାଯାଉଛି।

# ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିର ହେବ ପୁନଃସ୍ଥାପିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି ୬ ଦିନ ମଧ୍ୟରେ ଖାନନଗର ପାର୍କରେ ପୁନଃସ୍ଥାପିତ ହେବ। ବିକାଶ ଭବନରେ ଦୀର୍ଘ ଦେଢ଼ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି। ବିଭିନ୍ନ ଦିଗରୁ ସ୍ୱର ଉତ୍ତୋଳନ ପରେ ଏହି ବିବାଦ ଉପରେ ପଡ଼ିଛି ପୂର୍ଣଛେଦ। ଆସନ୍ତା ନଭେମ୍ବର ୨ ତାରିଖରେ ଭିକାରୀ ବଳଙ୍କ ତିରୋଧନ ଦିବସରେ ପ୍ରତିମୂର୍ତ୍ତି ଲୋକାର୍ପିତ ହେବା ନେଇ ସ୍ପଷ୍ଟ କରିଛନ୍ତି ସିଏମ୍‌ସି ମେୟର ସୁବାସ ସିଂ। ସିଏମସିର ଏକ ପ୍ରତିନିଧି ମଣ୍ଡଳୀ ପୂର୍ବରୁ ଯେଉଁଠି ପ୍ରତିମୂର୍ତ୍ତି ରହିଥିଲା ସେହି ସ୍ଥାନର ସମୀକ୍ଷା କରିଥିଲେ। ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି ପୂର୍ବରୁ ଖାନନଗର ପାର୍କରେ ଅବସ୍ଥାପିତ ହୋଇଥିଲା। ନେତାଜୀ ବସ୍ ଟର୍ମିନାଲର ନିର୍ମାଣ ହେବା ଏବଂ ସମ୍ମୁଖ ରାସ୍ତା ୬ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ହେବା ପରେ ସଂପୃକ୍ତ ପାର୍କ ଉଚ୍ଛେଦ ଓ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିକୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା। ରାସ୍ତାକାମ ଚାଲିଥିବାରୁ ଦୀର୍ଘ ଦିନ ଧରି ଏହି ପ୍ରତିମୂର୍ତ୍ତି ପୁନଃସ୍ଥାପିତ ହୋଇ ପାରିନଥିଲା। ଜାଗା ଚିହ୍ନଟ ହେବା ପରେ କାମ ଆରମ୍ଭ ହେବ। ଏହାଛଡ଼ା ଚଳିତ ମାସରେ କଟକ ମହାନଗର ନିଗମ ପକ୍ଷରୁ ୮୯ ଲକ୍ଷ ଟଙ୍କାର ଏକ ଟେଣ୍ଡର ପ୍ରକ୍ରିୟା କରାଯାଇ ପାର୍କଟିକୁ ପୁନଃ ବ୍ୟବସ୍ଥିତ ଓ ସମ୍ପ୍ରସାରଣ ହେବାର ଯୋଜନା କରାଯାଇଛି। ଏଥିପାଇଁ ଭଜନ ସମ୍ରାଟଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପିତ ହେବାରେ ବିଳମ୍ବ ହେଉଥିଲା। କିନ୍ତୁ ନୂଆ ପାର୍କ ନିର୍ମାଣ ସହ ଭଜନ ସମ୍ରାଟଙ୍କ ପ୍ରତିମୂର୍ତ୍ତି ମଧ୍ୟ ଲୋକାର୍ପିତ କରାଯିବ। ନଭେମ୍ବର ୨ତାରିଖ ଭିକାରୀ ବଳଙ୍କ ପୁଣ୍ୟତିଥିରେ ଅତିଥିମାନେ ମାଲ୍ୟାର୍ପଣ କରିବାର ସୁଯୋଗ ପାଇପାରିବେ ବୋଲି ଭିକାରୀ ବଳ ସ୍ମୃତି କମିଟି ସମ୍ପାଦକ ସୁନାକର ରାଉତ କହିଛନ୍ତି।

# ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି ଭବାନୀପାଟଣା ବ୍ଲକ୍ ଗୁର୍ଜୁଙ୍ଗ ଗ୍ରାମର ରାମ ଭୁଜନ ହରିଜନଙ୍କ ପରିବାର

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

ଜୀବନ ଜଞ୍ଜାଳରେ ପରିସ୍ଥିତିକୁ ମୁକାବିଲା କରିବା ସମସ୍ତଙ୍କ ପକ୍ଷେ ସମାନ ନୁହେଁ। ଗ୍ରାମ ଗୁର୍ଜୁଙ୍ଗ, ଜିଲ୍ଲା ସଦର ମହକୁମା ଭବାନୀପାଟଣା ବ୍ଲକ୍‌ର ରାମ ଭୁଜନ ହରିଜନଙ୍କ ପରିବାରର ପ୍ରାୟ ୮ଜଣ ସଦସ୍ୟ ଭଙ୍ଗା ଦଦରା ଘରେ କଳା ପଲିଥିନ ଜରିକୁ ଢାଙ୍କି ଜୀବନ ବିତାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଗଣ ପ୍ରତିନିଧିଙ୍କୁ ତାଙ୍କର ସଂଗ୍ରାମ ଜୀବନ ଜଞ୍ଜାଳ କଥାରୁ କୁହନ୍ତେ ଯେ, ଅନେକ ଦିନ ମାସ ବର୍ଷ ତଳେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା, ସ୍ଥାନୀୟ ଜନ ପ୍ରତିନିଧି, ନିକଟସ୍ଥ ରାଜସ୍ୱ ନିରୀକ୍ଷକ, ତହସିଲଦାରଙ୍କୁ, ବିଡିଓଙ୍କୁ ମଧ୍ୟ ଦୁଃଖ ଜଣାଇଥିଲେ, ହେଲେ ରାଜସ୍ୱ ନିରୀକ୍ଷକ କେବଳ କଳା ପଲିଥିନ ଖଣ୍ଡେ ଭଙ୍ଗା ଘରକୁ ଘୋଡ଼ାଇ ଦେଇ ପରିବାର ରୁହନ୍ତୁ ବୋଲି ଆଶ୍ୱାସନା ଦେଇଥିଲେ, ହେଲେ ବର୍ଷା ଓ ଖରା ଦିନରେ ରହିବା, ଚଳିବା କଷ୍ଟ ଦେଖିବା ଲୋକ ହିଁ ଜାଣୁଥିବେ। ପରିବାରରେ ବୋହୂ ପୁଅ ପିଲା ଛୁଆ ଧରି ଜଞ୍ଜାଳ ଜୀବନକୁ ବିତାଇବାକୁ ପଡୁଥିବା ଜଣାଯାଏ। ରାମ ଭୁଜନ ହରିଜନ ଭାଇଙ୍କ ଘରେ କେତେ ବେଳେ ଆଶ୍ରୟ ନେଇ କଷ୍ଟେ ମଷ୍ଟେ ଚଳୁଛନ୍ତି। ସରକାରୀ ଯୋଜନାରେ ଘରଟିଏ ପାଇଁ ଅନେକ ବାର ପ୍ରଶାସନ, ପଞ୍ଚାୟତ କାର୍ଯ୍ୟାଳୟଙ୍କୁ ଜଣାଇ ନିରାଶ ହେବାକୁ ପଡ଼ିଛି, ଏହି ଭଙ୍ଗା ଦଦରା ଘରେ ଜରି ଘୋଡାଇ ଥିବା ଘରେ ଆଉ କେତେ ଦିନ ଏହି ପରିବାର ରହିବେ ସାଧାରଣରେ ଚର୍ଚ୍ଚା ହେଉଛି। ସରକାର ଏହି ପରିବାରକୁ ସରକାରୀ ଘର ଯୋଗାଇ ଦେବାକୁ ସାଧାରଣରେ ଓ ନିଜେ ରାମ ଭୁଜନ ହରିଜନ ଅନୁରୋଧ କରିଛନ୍ତି। ସରକାର କେବେ ଅନୁରୋଧ ରକ୍ଷା କରିବେ ଦେଖିବାର କଥା।

# ଦିଗପହଣ୍ଡିରେ ବାଘର ପାଦ ଚିହ୍ନ : ଟ୍ରାପ୍ କରିବାକୁ ଜଙ୍ଗଲରେ ଲଗାଯାଇଛି ପଏଣ୍ଟ କ୍ୟାମେରା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ବାଘ ଆତଙ୍କ ଦେଖାଦେଇଛି। ଗଙ୍ଗାପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହଗଡ଼ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବାଘର ପାଦ ଚିହ୍ନ ପଡ଼ିଥିବା ଚର୍ଚ୍ଚା ହେଉଛି। ଖବର ପାଇ ବ୍ରହ୍ମପୁର ଏସିଏଫ, ଦିଗପହଣ୍ଡି ରେଞ୍ଜର ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ତେବେ ଏହା ବାଘ ନା ଅନ୍ୟ କୌଣସି ଜଙ୍ଗଲି ଜନ୍ତୁର ପାଦ ଚିହ୍ନ ତାହା ତଦନ୍ତ ପରେ ଜଣାପଡିବ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ। ବାଘକୁ ଟ୍ରାପ୍ କରିବାକୁ ଜଙ୍ଗଲରେ ଲଗାଯାଇଛି ପଏଣ୍ଟ କ୍ୟାମେରା। ରାତିରେ ପଇଁତରା ମାରୁଛନ୍ତି ବନ ବିଭାଗ କର୍ମଚାରୀ। ଅନ୍ୟପକ୍ଷରେ ବାଘକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ବିପୁଳ ପରିମାଣରେ ବାଣ ଜବତ : ୨ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସଦର ଥାନା ପୁଲିସ୍ ନାଇଟ ପାଟ୍ରୋଲିଂ ବେଳେ ଲାଠି ଗ୍ରାମର ଏକ ଘର ମଧ୍ୟରୁ ବିପୁଳ ପରିମାଣରେ ବେଆଇନ ବାଣ ଜବତ କରିଛି। ଏ ସଂକ୍ରାନ୍ତରେ ବିକ୍ରମ ଗଜେନ୍ଦ୍ର ଓ ଦିପକ ରେଡ଼ିଙ୍କୁ ଗିରଫ କରି ଥାନାରେ ୩୫୭/୨୪ ରେ ଏକ ମାମଲା ରୁଜୁ କରିଛି।

# ମେଡିକାଲ କର୍ତ୍ତୃପକ୍ଷ ଜାଣି ପାରିଲେନି : ଅଦଳବଦଳ କରିଦେଲେ ଛୁଆ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସରକାରୀ ମେଡିକାଲରେ ଏକ ଅଜବ ଘଟଣା ଘଟିଛି। ଛୁଆ ଅଦଳବଦଳ କରିଦେଲେ ମେଡିକାଲ କର୍ତ୍ତୃପକ୍ଷ। ଆଉ ଜଣାପଡ଼ିଲା ପରେ ନିଜ ଭୁଲ ସୁଧାରିଲେ ଓ ବଦଳ ହୋଇଥିବା ପୁଅକୁ ନିଜ ବାପା ମାଆଙ୍କୁ ଫେରାଇଲେ। ଏଭଳି ଅଜବ ଚିତ୍ର କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ପେଞ୍ଜିସାହିର ଲିଜା ମୁଖି ଗତ ୨୫ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ ନଥିବାରୁ ଝଘଡଟରେ ଭର୍ତ୍ତି କରାଯାଇଥିଲା। ତେବେ ହଠାତ କଣ ହେଲା କିଛି ଜଣାପଡ଼ିଲା ନାହିଁ। ଡାକ୍ତରଙ୍କ ପକ୍ଷରୁ କୁହାଗଲା ଛୁଆର ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି, ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତର କରିବାକୁ ପଡ଼ିବ। ଯେଉଁଥିପାଇଁ ଚିନ୍ତାରେ ପଡ଼ିଯାଇଥିଲେ ଲିଜାଙ୍କ ପରିବାର। ପରେ ଏକ ଆମ୍ବୁଲାନ୍ସରେ ଛୁଆକୁ ଧରି ଏମକେସିଜି ଯାଇଥିଲେ। ସେଠାରେ ଡାକ୍ତର ଛୁଆର ଚେକଅପ୍ କରିଥିଲେ। ଆଉ ସେତେବେଳେ ପୁଅ ବଦଳରେ ଝିଅ ଥିବା ଛୁଆର ମାଆଙ୍କୁ କହିଥିଲେ ଡାକ୍ତର। ଡାକ୍ତରଙ୍କ ଠାରୁ ଏକଥା ଶୁଣିବା ପରେ ବାପା-ମାଆଙ୍କର ଅକଳ ଗୁଡୁମ ହୋଇଯାଇଥିଲା। ପୁଅ କେମିତି ଝିଅ ହେଲା, ସେ ଚିନ୍ତାରେ ପଡ଼ିଯାଇଥିଲେ। ଏନେଇ ନିଜ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚି ଏସଏନସିୟୁରେ ନିଜର ଶିଶୁପୁତ୍ରକୁ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଏସଏନସିୟୁ ଆଗରେ ସମ୍ପର୍କୀୟ ହୋହଲ୍ଲା କରିଥିଲେ। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ଶିଶୁପୁତ୍ରର ରେକର୍ଡପତ୍ର ଯାଞ୍ଚ କରିଥିଲେ।

# ବାତ୍ୟା ଆଳରେ କାଠ ମାଫିଆ ସକ୍ରିୟ : ବନ ବିଭାଗ ଦୃଷ୍ଟି ଦେବାକୁ ଦାବି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ସାମ୍ଭବ୍ୟ ବାତ୍ୟା ଦାନା ଆସିବା ପୂର୍ବରୁ ପାଣିପାଗ ବିଭାଗ ଆଗୁଆ ସୂଚନା ଦେଇଥିଲା। ଏନେଇ ଜନସାଧାରଣଙ୍କୁ ଭୟଭିତ ନ ହୋଇ ସତର୍କତା ପନ୍ଥା ଅବଲମ୍ବନ କରିବାକୁ ଘନ ଘନ ପରାମର୍ଶ ଦିଆଯାଇଥିଲା। ଆଗକୁ ବାତ୍ୟାର ପ୍ରକୋପ ବଢିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଗଣମାଧ୍ୟମରେ ଆଗୁଆ ସୂଚନା ଦିଆଯାଇଥିବା ବେଳେ ପରେ ବାତ୍ୟା ଦୁର୍ବଳ ହୋଇଯିବା ସହିତ ଲଗାଣ ବର୍ଷା ଲାଗି ରହିଥିଲା। ବିଶେଷ କରି ଯାଜପୁର ଜିଲାରେ ସେତେଟା ପ୍ରଭାବ ପଡି ନ ଥିବା ବେଳେ କେବଳ ଲଗାଣ ବର୍ଷା ଜାରି ରହିଥିଲା। ଏହାର ସୁଯୋଗ ନେଇଥିଲେ କାଠ ମାଫିଆ। ବାତ୍ୟାରେ ଗଛ ଭାଙ୍ଗି ପଡ଼ିଥିବା ଆଳରେ ବିଭିନ୍ନ ସରକାରୀ ଓ ବ୍ୟକ୍ତିଗତ ଜମିରୁ ବଡବଡ ଗଛ କାଟି ନିଆଯାଉଥିବା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳରେ। ବ୍ରହ୍ମବରଦା ଓ ବନ୍ଧଡିହ ପଞ୍ଚାୟତ ସମେତ ଏହାର ଆଖପାଖ ଅଞ୍ଚଳରୁ କାଠ ମାଫିଆମାନେ ସକ୍ରୀୟ ହୋଇ ସରକାରୀ ଜମିରୁ ଗଛ କାଟି ନେବା ସହ ଏହି ଅଞ୍ଚଳର ଲୋକମାନେ ନିଜ ନିଜ ଜମିରୁ ଗଛ କାଟି ମାଫିଆମାନଙ୍କୁ ବିକ୍ରୀ କରୁଥିବା ଜଣାଯାଇଛି। ମାଫିଆମାନେ ଦିନ ରାତି ଏକ କରି ଭୋର ସମୟରେ ଟ୍ରାକ୍ଟର ଦ୍ୱାରା ଅଞ୍ଚଳର ବିଭିନ୍ନ କରତକଳକୁ କାଠ ନିଆଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବ୍ୟକ୍ତିଗତ ଜମିରୁ ଗଛ କାଟିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଏହି ବାତ୍ୟା ଆଳରେ ମାଫିଆଙ୍କୁ ଲଗାଇ ବଡ଼ବଡ଼ ଗଛ କଟା ଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ମାଫିଆମାନେ ନମ୍ବର ବିହୀନ ଟ୍ରାକ୍ଟରରେ କଟା ଗଛ ପରିବହନ କରୁଥିବା ଦେଖିବାକୁ ମିଳିଛି। ଟ୍ରାକ୍ଟରରେ କାଠ ପରିବହନ ନେଇ କୌଣସି ସରକାରୀ ନିୟମ ନ ଥିବା ବେଳେ ବ୍ରହ୍ମବରଦା ଅଞ୍ଚଳରୁ କିପରି ଟ୍ରାକ୍ଟରରେ ଦୈନନ୍ଦିନ ୫ଟ୍ରିପ୍ କାଠ ବିଭିନ୍ନ କରତକଳକୁ ଚାଲାଣ କରାଯାଉଛି। ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ବନ ବିଭାଗ ଭୋର ସମୟରେ ଏହି ଅଞ୍ଚଳରେ ଚଢଉ କଲେ କାଠମାଫିଆ ଧରାପଡିବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ୪୧୪ କେଜି ଗଞ୍ଜେଇ ଜବତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବଡାଅଟାଲ ଜଙ୍ଗଲରୁ ଜବତ ୪୧୪ କେଜିଗଞ୍ଜେଇକୁ କୋର୍ଟ ଚାଲାଣ କରିଛି ବୈପାରୀଗୁଡା ପୋଲିସ। ରବିବାର ସକାଳ ଦଶଟା ସମୟରେ ବୈପାରୀଗୁଡା ଥାନାରେ ଏଭଳି ଦେଖିବାକୁ ମିଳିଛି। ଫେଲ୍ ମାରିଲେ ଗଞ୍ଜେଇ ମାଫିଆ। ଅଭିନବ ଉପାୟରେ ଚୋରା ଚଲାଣ ପାଇଁ କାଠପୋଡା ପଞ୍ଚାୟତର ବଡ଼ଅଟାଲ ଜଙ୍ଗଲରେ ଗଚ୍ଛିତ ରଖିଥିଲେ ଗଞ୍ଜେଇ। ଖବର ପାଇ ଜବତ କଲା ବୈପାରୀଗୁଡା ପୋଲିସ। ଚୋରା ଚାଲାଣ ପୂର୍ବରୁ ଚାରିଶହ କିଲୋ ଗଞ୍ଜେଇ ଜବତ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପଚାଶ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ସେପଟେ ଜବତ ଗଞ୍ଜେଇ ରବିବାର ସକାଳେ ଜୟପୁର କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଛି ବୈପାରୀଗୁଡା ପୋଲିସ।

# ଏନ୍‌ସିସି ତାଲିମ୍ ଶିବିରରେ ପ୍ରଶିକ୍ଷଣ ନେଲେ ୬୦୦ କ୍ୟାଡେଟ୍




**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସହର ସ୍ଥିତ ପୁରୁଣା ବଜାର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପରିସରରେ ୧୪ ଓଡ଼ିଶା ଏନ୍‌ସିସି ବାଟାଲିୟନ ପକ୍ଷରୁ ଆୟୋଜିତ ୧୦ ଦିନିଆ ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦଯ୍ୟାପନୀ ଉତ୍ସବରେ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ ଅଧକ୍ଷତା କରି ଦେଶ ମାତୃକାର ସେବା କରିବା ପାଇଁ ସର୍ବଦା ଆଗଭର ହେବାକୁ ଏନ୍‌ସିସି କ୍ୟାଡେଟଙ୍କୁ ଉତ୍ସାହିତ କରିଥିଲେ। ଗତ ଅକ୍ଟୋବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ପାଖାପାଖି ୬୦୦ କ୍ୟାଡେଟ ଯୋଗ ଦେଇ ଶାରୀରିକ ଶିକ୍ଷା, ଡ୍ରିଲ୍, ମ୍ୟାପ ରିଡ଼ିଂ, ଜାତୀୟ ସଂହତି,ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ସାଇବର ସଚେତନତା, ବିକାଶ ଓ ବନ୍ଧୁକ ଚାଳନା ଆଦି ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ।ଏହି ପ୍ରଶିକ୍ଷଣ ଶିବିରରେ ୧୨ ଜଣ ଏନ୍‌ସିସି ଅଫିସର ଏବଂ ୧୦ ଜଣ ପିଆଇ ଷ୍ଟାଫ କ୍ୟାଡେଟ୍‌ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ଏହି କ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ ଏବଂ ସୁବେଦାର ମେଜର ଲକ୍ଷ୍ମୀ ନାରାୟଣ ପୁରସ୍କୃତ କରିଥିଲେ।

# କୋରାପୁଟ ଜିଲ୍ଲା ମଙ୍ଗଳ ବିଭାଗରେ ଶିକ୍ଷକ ମରୁଡ଼ି

# ୫୫ହଜାର ଛାତ୍ରଛାତ୍ରୀଙ୍କ ପାଇଁ ୫୮୨ ଶିକ୍ଷକ, ୧୫୨ପଦବୀ ଖାଲି

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ସବୁ ବିଭାଗରେ କର୍ମଚାରୀ ମରୁଡ଼ି ଲାଗି ରହିଛି। ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲ୍ଲା ଭାବେ ପରିଚିତ କୋରାପୁଟ ଜିଲ୍ଲାର ଜିଲ୍ଲା ମଙ୍ଗଳ ବିଭାଗ ଅଧିନରେ ଥିବା ୧୬୬ଟି ସ୍କୁଲରେ ପଢୁଥିବା ୫୫ହଜାର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ବର୍ଗର ୭୩୪ଜଣ ଶିକ୍ଷକ ରହିବା କଥା। କିନ୍ତୁ ୫୮୨ଜଣ ରହିଥିବା ବେଳେ ଏବେ ୧୫୨ଟି ପଦବୀ ଖାଲି ପଡ଼ିଛି।

ସୂଚନା ଅନୁଯାୟୀ, ଜିଲ୍ଲାର ୧୪ଟି ବ୍ଲକ, ୩ଟି ପୌରାଞ୍ଚଳ, ଗୋଟିଏ ବିଜ୍ଞାପିତ ପରିଷଦରେ ରହିଛି ଜିଲ୍ଲାମଙ୍ଗଳ ବିଭାଗ ଅଧିନରେ ପରିଚାଳିତ ବିଭିନ୍ନ ବର୍ଗର ସେବାଶ୍ରମ, ଉଚ୍ଚମାଧ୍ୟମିକ ଓମାଧ୍ୟମିକ ବିଦ୍ୟାଳୟ। ଏଥିରେ ଅନ୍ତେବାସୀଙ୍କ ସହ ଦିବ୍ୟାଧାୟୀ ଛାତ୍ରଛାତ୍ରୀ ବି ପଢୁଛନ୍ତି। ୨୦୨୪-୨୫ଶିକ୍ଷାବର୍ଷରେ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ୯୫୩ଜଣ ଅନ୍ତେବାସୀ, ୭ଜଣ ଦିବ୍ୟାଧାୟୀ ଛାତ୍ରଛାତ୍ରୀ ଅଧ୍ୟୟନରତ ରହିଛନ୍ତି।

ସେହିପରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୭୩୯ଜଣ ଅନ୍ତେବାସୀ,୧୬୨ ଦିବ୍ୟାଧାୟୀ, ଉଚ୍ଚ ବିଦ୍ୟାଳୟରେ ୬୮୯୧ଜଣ ଅନ୍ତେବାସୀ, ୧୯୦୦ ଦିବ୍ୟାଧାୟୀ, ଉଚ୍ଚ ବାଳିକା ବିଦ୍ୟାଳୟରେ ୫୭୪୧ଜଣ ଅନ୍ତେବାସୀ, ୪୯୦ ଦିବ୍ୟାଧାୟୀ, ଆଶ୍ରମ ବିଦ୍ୟାଳୟରେ ୧୦୫୪୨ଜଣ ଅନ୍ତେବାସୀ, ୩୫୭୦ ଦିବ୍ୟାଧାୟୀ , ସେବାଶ୍ରମରେ ୬୫୪୨ ଜଣ ଅନ୍ତେବାସୀ, ୨୯୯୮ ଦିବ୍ୟାଧାୟୀ, ୪୦ ଶଯ୍ୟା ବିଶିଷ୍ଟ ଛାତ୍ରନିବାସରେ ୪୭୭୯ଜଣ ଅନ୍ତେବାସୀ,



୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସରେ ୬୧୭୯ଅନ୍ତେବାସୀ, ୧୦୦ଶଯ୍ୟା ବିଶିଷ୍ଟ ଛାତ୍ର ନିବାସରେ ୩୯୬୧ଜଣ ଅନ୍ତେବାସୀ ରହୁଛନ୍ତି।

ଏପରି ୧୬୪ଟି ବିଦ୍ୟାଳୟରେ ୪୬୩୨୬ଜଣ ଅନ୍ତେବାସୀ, ୯୧୨୭ଜଣ ଦିବ୍ୟାଧାୟୀ ସର୍ବମୋଟ ୫୫୪୫୪ଜଣ ଅଧ୍ୟୟନରତ ରହିଥିବା କହିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି। ବିଭିନ୍ନ ବର୍ଗର ଶିକ୍ଷକଙ୍କ ସଂଖ୍ୟାକୁ ଆକଳନ କଲେ ସବୁ ପଦବୀ ଖାଲି ପଡ଼ିଥିବା ଦେଖିବାକୁ ମିଳିଛି। ୩୭ଟି ପ୍ରଧାନଶିକ୍ଷକଙ୍କ ସ୍ଥାନରେ ରହିଛନ୍ତି ୩୩।

ସେହିପରି ବିଏ ବିଇଡି ୮୯ ସ୍ଥାନରେ ୮୪, ବିଏସସି ବିଇଡି ପିସିଏମ୍ ୩୭ ସ୍ଥାନରେ ୨୮, ବିଏସସି ବିଇଡି ସିବିଜେଡ୍ ୩୬ ସ୍ଥାନରେ ୨୧, ଟିଜିଟି ଶିକ୍ଷା ସହାୟକ ୧୧୧ସ୍ଥାନରେ ୨୮, ଆଇଏ ସିଟି ୨୭ ସ୍ଥାନରେ ୨୦, ଆଇଏସସି ସିଟି ୮ ସ୍ଥାନରେ ୬, ସଂସ୍କୃତ ୩୭ ସ୍ଥାନରେ ୨୮, ହିନ୍ଦୀ ୩୭ ସ୍ଥାନରେ ୩୦, ଓ ପିଇଟି ୩୪ ସ୍ଥାନରେ ୨୩ଜଣ ରହିଛନ୍ତି। ଏହିପରି ସରକାର ମଞ୍ଜୁର କରିଥିବା ୭୩୪ଜଣ ଶିକ୍ଷକଙ୍କ ସ୍ଥାନରେ ରହିଛନ୍ତି ୫୮୨ ଏବଂ ୧୫୨ଟି ପଦବୀ ଖାଲି ପଡ଼ିଛି।

ଖାଲି ଶିକ୍ଷକ ହିଁ ନୁହନ୍ତି ସେହିପରି ଛାତ୍ରାବାସଗୁଡ଼ିକୁ ପରିଚାଳନା କରି ଆସୁଥିବା ୱାର୍ଡେନ, ସୁପରିଟେଣ୍ଡେଣ୍ଟଙ୍କ ସହ ଏଏନଏମ ପଦବୀ ବି ଖାଲି ପଡ଼ିଛି। ଏ ନେଇ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି ରାଜ୍ୟ ସରକାରଙ୍କୁ ବି ଅବଗତ କରିଥିବା ସୂଚନା ମିଳିଛି। ଏତେ ସଂଖ୍ୟକ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଧାର୍ଯ୍ୟ ସଂଖ୍ୟକ ବିଭିନ୍ନ ବର୍ଗର ଶିକ୍ଷକ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। ଦୀର୍ଘ ୨୪ବର୍ଷର ସରକାର ଏହି ସମସ୍ୟା ସମ୍ପର୍କରେ ଜାଣି ବି ନଜାଣିବା ପରି ରହି ଆସିଥିଲା। ନୂଆ ଡବଲ ଇଞ୍ଜିନର ସରକାର ଏହି ସମସ୍ୟାକୁ ସମାଧାନ କରିବ କି ବୋଲି ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି।

# ସ୍ତ୍ରୀକୁ ହାଣି ହତ୍ୟା କଲା ସ୍ୱାମୀ : ଅଭିଯୁକ୍ତ ଗିରଫ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ନୂଆମୁଣ୍ଡା ଗାଁରେ ଅଭାବନୀୟ ଘଟଣା ଘଟିଛି। ମଦ ପାଇଁ ସ୍ତ୍ରୀର ଗଳା କାଟି ହତ୍ୟା କଲା ସ୍ୱାମୀ। ମୃତକ ମଧୁବତି ବେହେରା ଦଳାଇ ବୋଲି ଜଣାପଡିଛି।

ସୂଚନା ଅନୁସାରେ, ସ୍ୱାମୀ ଚନ୍ଦ୍ରକାନ୍ତ ମଦ ପିଇ ଆସି ସ୍ତ୍ରୀ ମଧୁବତିଙ୍କୁ କିଛି ଟଙ୍କା ମାଗିଥିଲା। ହେଲେ ମଧୁବତି ଟଙ୍କା ନଦେବାରୁ ଉଭୟଙ୍କ ଭିତରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚନ୍ଦ୍ରକାନ୍ତ ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀ ମଧୁବତିଙ୍କ ତଣ୍ଟି କାଟି ଦେଇଥିଲା। ପରେ ପୁଅ ସିପୁନ ବେହେରା ଦଳାଇ ଘରକୁ ଫେରିବା ପରେ ମାଆର ଗଳାକଟା ମୃତଦେହ ଦେଖି ତୁମୁଡିବନ୍ଧ ପୁଲିସ୍ କୁ ଖବର ଦେଇଥିଲା। ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ଛାନଭିନ୍ କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ପେଟ୍ରୋଲ୍, ଡିଜେଲ୍ ଦାମ୍ କମିବନି

ଦୀର୍ଘ ୨୦ ମାସ ଧରି ଅପରିବର୍ତ୍ତିତ ରହିଥିବା ପେଟ୍ରୋଲ୍ ଓ ଡିଜେଲ୍ ମୂଲ୍ୟରେ ଆଗାମୀ ଦିନରେ କୌଣସି ହ୍ରାସ ହେବ ନାହିଁ। ବିଶ୍ୱ ବଜାରରେ ଅଶୋଧିତ ତେଲ ଦାମ୍ କମିବା ଏବଂ ବିକ୍ରିରେ କଂପାନିଗୁଡ଼ିକ ଲାଭ କରୁଥିବା ସତ୍ତ୍ୱେ ସାଧାରଣ ଖାଉଟିଙ୍କ ଲାଗି ପୂର୍ବ ଦର ବଳବତ୍ତର ରହିଛି। ତେଲ ଦାମ୍ କମ୍ କରିବାର କୌଣସି ଯୋଜନା ନାହିଁ ବୋଲି ଆଜି ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି। ଗଣମାଧ୍ୟମରେ ଯେଉଁ ରିପୋର୍ଟ ପ୍ରକାଶ ପାଉଛି ତାହା କେବଳ କଳ୍ପନାଜଳ୍ପନା ବୋଲି ସେ କହିଛନ୍ତି। ସରକାରଙ୍କ ଆଭିମୁଖ୍ୟର ଆଭାସ ଦେଇ ସେ ଜଣାଇଛନ୍ତି ଯେ ତେଲ ଦାମ୍ କମାଇବା ନେଇ କଂପାନିଗୁଡ଼ିକ ସହ କିଛି ବି ଆଲୋଚନା ହୋଇନି। ଦାମ୍ ଦୀର୍ଘକାଳୀନ ଭିତ୍ତିରେ ସ୍ଥିର ଓ ସକାରାତ୍ମକ ରହୁ ବୋଲି ଆମେ ଚାହୁଁଥିବା ସେ କହିଛନ୍ତି। ପେଟ୍ରୋଲ୍ ଓ ଡିଜେଲ୍ ଦାମରେ ଲିଟର ପିଛା ୪-୬ ଟଙ୍କାର ହ୍ରାସ ଆଣିବା ସମ୍ଭାବନା ରହିଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।

ନିଜର ୮୦ ପ୍ରତିଶତ ଆବଶ୍ୟକତାକୁ ଆମଦାନି ଜରିଆରେ ପୂରଣ କରୁଥିବା ଭାରତ ଏବେ ତୈଳ କିଣା ରଣନୀତି ବଦଳାଇବା ଉପରେ ବିଚାର କରୁଛି। କାରଣ ଋଷ୍ ଦେଉଥିବା ରିହାତି କମ୍ ହୋଇଥିବାରୁ ସେଠାରୁ ତେଲ ମଗାଇବା ଆଉ ବ୍ୟାବସାୟିକ ଦୃଷ୍ଟିକୋଣରୁ ଲାଭଦାୟକ ମନେ ହେଉନାହିଁ। ତେଣୁ ସାଉଦି ଆରବ, ଭେନେଜୁଏଲା ଭଳି ଦେଶରୁ ଭାରତ ତେଲ ମଗାଇବା ଆରମ୍ଭ କରିଛି। ଯେଉଁ ଦେଶଗୁଡ଼ିକ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇ ନାହିଁ, ସେଭଳି ଦେଶରୁ ତେଲ କିଣିବା ଲାଗି ଭାରତ ଉଦ୍ୟମ କରୁଛି।

# ତେନ ତ୍ୟକ୍ତେନ ଭୂଞ୍ଜୀତାଃ



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
୯୭୭୮୭୬୪୩୯୪

ଈଶୋପନିଷଦରେ ଦିବ୍ୟ ବାଣୀ 'ତେନ ତ୍ୟକ୍ତେନ ଭୂଞ୍ଜୀତାଃ, ମା ଗୃଧଃ କସ୍ୟସ୍ୱିଦ୍ ଧନମ୍' ମଣିଷକୁ ସାଂସାରିକ ମୋହ ବନ୍ଧନରୁ ମୁକ୍ତ କରି ଦିବ୍ୟ ସତ୍ତାର ଅଧିକାରୀ ହେବା ପାଇଁ ପ୍ରବର୍ତ୍ତାଇ ଥାଏ। ମଣିଷ ଜନ୍ମ ହେଉ ହେଉ ସଂସାରର ସମସ୍ତ ବସ୍ତୁକୁ ନିଜର ବା ନିଜ ଅଧିକାର ପରିସରଭୁକ୍ତ କରିବା ପାଇଁ ପ୍ରୟାସ କରିଥାଏ । ଏ ଶରୀର ତଥା ସଂସାର ଅନିତ୍ୟ ଜାଣି ସୁଦ୍ଧା ସବୁବେଳେ ଏବଂ ସବୁଠି ନିଜର ମାଲିକାନା ସାବ୍ୟସ୍ତ କରିବା ପାଇଁ ପ୍ରୟାସ କରିଥାଏ। ଅନ୍ୟର ଧନ, ସମ୍ପତ୍ତି, ସୁଖ ଆଦିକୁ ନିଜ ଅଧିକାର ପରିସରଭୁକ୍ତ କରିବାକୁ ଚାହୁଁଥିବା ମଣିଷ କିନ୍ତୁ ଅନ୍ୟ ଦୁଃଖ ଏବଂ ଶୋକ ଗୁଡ଼ିକୁ ଜଣେ ଦରଦୀ ମଣିଷ ଭାବେ ଆପଣେଇବା ପାଇଁ ପ୍ରାୟତଃ ଚାହିଁ ନଥାଏ। ଆଉ ଯେଉଁମାନେ 'ବହୁଜନ ହିତାୟ, ବହୁଜନ ସୁଖାୟ' ଦର୍ଶନକୁ ଆଧାର କରି ନିଜର ସର୍ବସ୍ୱ ତ୍ୟାଗ କରି ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବାକୁ ପ୍ରୟାସ କରିଥାଆନ୍ତି ସେମାନଙ୍କୁ ଆମେ ମହାମାନବ ବା ଦେବତୁଲ୍ୟ ବ୍ୟକ୍ତି ବୋଲି କହିଥାଉ ଯେଉଁମାନେ କେବଳ ତ୍ୟାଗରେ ଆନନ୍ଦ ପାଇ ଥାଆନ୍ତି। କାରଣ ଜଣଙ୍କର ତ୍ୟାଗରେ ହିଁ ଅନ୍ୟ ଜଣଙ୍କର ଭୋଗ ସମ୍ଭବ ହୋଇଥାଏ । ତେବେ ଅନ୍ୟମାନଙ୍କ ଧନ ସମ୍ପତ୍ତି ତଥା ସରକାରୀ ସମ୍ପତ୍ତିକୁ ଲୋଲୁପ ଦୃଷ୍ଟିରେ ଦେଖି ସେଗୁଡ଼ିକୁ ହଡ଼ପ କରିବା ପାଇଁ ଯେଉଁ ପ୍ରଚେଷ୍ଟା କରାଯାଏ ସେଥିରୁ ସାମୟିକ ଖୁସି ଆନନ୍ଦ କିମ୍ବା ସୁଖ ମିଳିପାରେ କିନ୍ତୁ ତାହା ଦୀର୍ଘସ୍ଥାୟୀ ବା ନିତ୍ୟ ଆନନ୍ଦର ପରିପନ୍ଥୀ ।

ଖାଦ୍ୟ ଲୋଭରେ ମଣିଷ ଅନେକ ସ୍ୱାଦିଷ୍ଟ ଖାଦ୍ୟ କିମ୍ବା ପାନୀୟ ଖାଇ ଦେଇପାରେ କିମ୍ବା ପିଇ ଦେଇପାରେ କିନ୍ତୁ ତାହା ଯେତେବେଳେ ଶରୀରକୁ ସଠିକ ଭାବେ ତ୍ୟାଗ ହୋଇପାରେ ନାହିଁ ସେତେବେଳେ କେବଳ ପେଟର ସମସ୍ୟା ସୃଷ୍ଟି କରେ ନାହିଁ ବରଂ ସାରା ଶରୀର ରୋଗ ଗ୍ରସ୍ତ ହୋଇଥାଏ। ଠିକ୍ ସେହିଭଳି ଭାବେ ଅବିଚାରିତ ଏବଂ ଅବାରିତ ଭାବେ ସମ୍ପତ୍ତି ଆହରଣରେ ବ୍ୟସ୍ତ ମଣିଷ ଯଦି ସତ୍‌ପାତ୍ରରେ ଏବଂ ସଠିକ୍ ଢଙ୍ଗରେ ଦାନ କରିପାରେ ନାହିଁ ତାହେଲେ ସିଏ କେବଳ ଦୁଃଖ ଭୋଗ କରେ ନାହିଁ ବରଂ ତା ପାଇଁ ତା ପରିବାର ବର୍ଗ ମଧ୍ୟ ବିଭିନ୍ନ ସମସ୍ୟା ଗୁଡ଼ିକୁ ସାମ୍ନା କରିଥାଆନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ବିଭିନ୍ନ ବୃତ୍ତିଧାରୀ ବ୍ୟକ୍ତିମାନେ ନିଜକୁ କେବେ ସାଧାରଣ ଜନତାଙ୍କ ସେବକ ନ ଭାବି ସେମାନଙ୍କ ଉପରେ ମାଲିକାନା ଜାହିର କରିବା ମନୋବୃତ୍ତିରୁ ହିଁ ଶ୍ରେଣୀ ସଂଘର୍ଷର ସୂତ୍ରପାତ ହୋଇଥାଏ । ମୁଁ ବଞ୍ଚିବି ଜାଗାରେ ଯଦି ଆମେ ବଞ୍ଚିବାର ସ୍ୱର ତୀବ୍ର ହୁଏ ତାହେଲେ ସାମାଜିକ ନ୍ୟାୟ ସଠିକ ଭାବେ ଅନୁଭବ କରିହେବ ନହେଲେ ଉନ୍ନତି, ବିକାଶ ତଥା ନ୍ୟାୟ କିଛି ତଥାକଥିତ ଉଚ୍ଚ ବର୍ଗ ବା ଗୋଷ୍ଠୀଙ୍କ ମଧ୍ୟରେ ସିମୀତ ରହିଯିବା

# ଷ୍ଟାଟୋହେପାଟାଇଟିସ୍ ବିଷୟରେ ସାଧାରଣ ଜ୍ଞାନ ଓ ନିରାକରଣ (୨)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପରିବେଶ ପ୍ରଦୂଷଣ ଏବଂ ଯକୃତ ଜନିତ ରୋଗ ମଧ୍ୟରେ କି ସମ୍ପର୍କ ଅଛି ସେ ସମ୍ପର୍କରେ ପୂର୍ବଥର ଆମେ ଚର୍ଚ୍ଚମା କରିଥିଲୁ। ଯକୃତ ଉପରେ ପଡୁଥିବା ବିଭିନ୍ନ ଚାପର ଉଦାହରଣ ଦେଇ କିପରି ବାୟୁ ପ୍ରଦୂଷଣ ଓ କେତେକ ରାସାୟନିକ ପଦାର୍ଥ ତଥା ଅନ୍ତଃସ୍ରାବ ଗ୍ରନ୍ଥି (ଏଣ୍ଡୋକ୍ରାଇନ୍) କୁ ବ୍ୟାଘାତ କରୁଥିବା ରାସାୟନିକ , କୀଟନାଶକ ଏବଂ ପର ଏବଂ ପଲିଫ୍ଲୋରୋଆଲିକ୍ ପଦାର୍ଥ ଭାଇରାଲ୍ ହେପାଟାଇଟିସ୍ ଇତ୍ୟାଦି କରିବାରେ ସହଯୋଗ କରେ ସେ ବିଷୟରେ ଚର୍ଚ୍ଚା କରିଥିଲୁ। ଏହା ଯୋଗୁଁ ଯକୃତର ବିଷାକ୍ତତା ବଢ଼ିବା ଏକ ଚିନ୍ତାର ବିଷୟ। ଆମେ ସେଥିରେ ବର୍ଣ୍ଣନା କରିଥିଲୁ ଯେ ମୁଖ୍ୟତଃ ଦୁଇଟି ମୁଖ୍ୟ ପ୍ରକାରର ଷ୍ଟାଟୋହେପାଟାଇଟିସ୍ ଅଛି: ଅଣ-ମଦ୍ୟପ ବା ନନ୍-ଆଲକୋହଲିକ୍ ଷ୍ଟାଟୋହେପାଟାଇଟିସ୍ (NASH), ମଦ୍ୟପାନକାରୀ ବା ଆଲକୋହଲିକ୍ ଷ୍ଟାଟୋହେପାଟାଇଟିସ୍ (ASH)। ପ୍ରତ୍ୟେକଟି ବିଷୟରେ ସାମାନ୍ୟ ସୂଚନା ଦିଆଯାଇଥିଲା। ଆଜି ଅଧିକ ଜାଣିବା।

ଅଣ-ମଦ୍ୟପ ଷ୍ଟିଓଟୋହେପାଟାଇଟିସ୍ (NASH): କାରଣ, ନିରାକରଣ ଏବଂ ଚିକିତ୍ସା - ଅଣ-ମଦ୍ୟପ ଷ୍ଟାଟୋହେପାଟାଇଟିସ୍ (NASH) ହେଉଛି ଏକ ଗୁରୁତର ଯକୃତ ଅବସ୍ଥା ଯାହା ଚର୍ବି ଜମା ହେତୁ ଯକୃତର ପ୍ରଦାହ ଏବଂ କ୍ଷତି କରାଇଥାଏ, ମାତ୍ର ମଦ୍ୟପାନ ସହିତ ଜଡ଼ିତ ନୁହେଁ । ଏହା ଅଣ-ମଦ୍ୟପ ଫ୍ୟାଟି ଲିଭର ରୋଗ (NAFLD) ର ଏକ ଉନ୍ନତ ରୂପ ଭାବରେ ବିବେଚନା କରାଯାଏ, ଯେଉଁଠାରେ ଯକୃତରେ ଚର୍ବି ସୃଷ୍ଟି ହୁଏ କିନ୍ତୁ କୌଣସି ସାମାନ୍ୟ ପ୍ରଦାହ ସୃଷ୍ଟି କରେ ନାହିଁ । ଯଦି ଏହାର ଚିକିତ୍ସା କରା ନ ଯାଏ, NASH ଅଧିକ ଗୁରୁତର ଯକୃତ ରୋଗରେ ପରିଣତ ହୋଇପାରେ, ଯେପରିକି ସିରୋସିସ୍, ଯକୃତ ବିଫଳତା କିମ୍ବା ଯକୃତ କର୍କଟ ଇତ୍ୟାଦି ।

NASH ର କାରଣ - NASH ର ପ୍ରକୃତ କାରଣ ସମ୍ପୂର୍ଣ୍ଣ ରୂପେ ବୁଝାପଡି ନାହିଁ। କିନ୍ତୁ ଏହା ପ୍ରାୟତଃ କିଛି ମେଟାବୋଲିକ୍ ଅବସ୍ଥା ଏବଂ ଜୀବନ ଶୈଳୀ କାରଣ ସହିତ ଜଡ଼ିତ ବୋଲି ଜଣାଯାଏ। ଅନେକ ସମ୍ଭାବ୍ୟ କାରଣ ମଧ୍ୟରେ ନିମ୍ନଲିଖିତ ବିଷୟ ଅନ୍ତର୍ଭୁକ୍ତ: (କ) ମେଦବହୁଳତା ଏବଂ ନାଶ ମଧ୍ୟରେ ଏକ ଦୃଢ଼ ସଂଯୋଗ ଅଛି । ଶରୀରର ଅତ୍ୟଧିକ ଚର୍ବି, ବିଶେଷତଃ ପେଟର ଚାରିପାଖରେ ଥିବା ଚର୍ବି (ଭିସେରାଲ୍ ଫ୍ୟାଟ୍), ଯକୃତରେ ଚର୍ବି ଜମା ହେବା ପାଇଁ ଏକ ବିପଦ ଅଟେ। (ଖ) ଇନସୁଲିନ୍ ପ୍ରତିରୋଧ, ମେଟାବୋଲିକ୍ ସିଣ୍ଡ୍ରୋମ ଏବଂ ଟାଇପ୍-୨ ମଧୁମେହର ଏକ ଚିହ୍ନ, ଯକୃତରେ ଚର୍ବି ଗଠନ ସହିତ ନିବିଡ଼ ଭାବରେ ଜଡ଼ିତ । ଉଚ୍ଚ ସ୍ତରର ଇନସୁଲିନ୍ ଯକୃତରେ ଚର୍ବି ସଂରକ୍ଷଣକୁ ପ୍ରୋତ୍ସାହନ ଦେଇପାରେ, ଯାହା ପରବର୍ତ୍ତୀ କାଳରେ NASH ହୋଇଯାଏ। (ଗ) ଆନୁବଂଶିକ (ଜେନେଟିକ୍ସ): ମୁଖ୍ୟ ବିପଦ କାରଣଗୁଡ଼ିକର ଅନୁପସ୍ଥିତିରେ ମଧ୍ୟ ଆନୁବଂଶିକ କାରକମାନେ NASH ର ବିକାଶ ପାଇଁ ବ୍ୟକ୍ତିବିଶେଷଙ୍କୁ ସ୍ଥିର କରିପାରନ୍ତି । ଜିନ୍‌ରେ ଥିବା ପ୍ରକାରଗୁଡ଼ିକ ଯେପରିକି PNPLA୩ ଏବଂ TM୬SF୨ ଯକୃତର ଚର୍ବି ଜମା ହେବା ଏବଂ ପ୍ରଦାହ ହେବାର ଅଧିକ ବିପଦ ସହିତ ଜଡ଼ିତ। (ଘ) ଡିସଲିପିଡେମିଆ: କୋଲେଷ୍ଟ୍ରଲ ଏବଂ ଟ୍ରାଇ ଗ୍ଲିସେରାଇଡର ଅସ୍ୱାଭାବିକ ସ୍ତର ଯେପରିକି ଉଚ୍ଚତର ନିମ୍ନ-ସାନ୍ଦ୍ରତା ଲିପୋପ୍ରୋଟେନ୍ (LDL) କିମ୍ବା ନିମ୍ନ ସ୍ତରର ଉଚ୍ଚ-ସାନ୍ଦ୍ରତା ଲିପୋପ୍ରୋଟେନ୍ (HDL) NASH ସହିତ ଜଡ଼ିତ।

ଏତଦବ୍ୟତୀତ ଖରାପ ଖାଦ୍ୟ ଏବଂ ବସିବା ରହିବା ପରି ଜୀବନଶୈଳୀ, ଖାଦ୍ୟରେ ଅଧିକ ଚିନି, ବିଶୋଧିତ କାର୍ବୋହାଇଡ୍ରେଟ୍ ଏବଂ ସନ୍ତୁଳିତ ଚର୍ବି ଇତ୍ୟାଦି ଯକୃତରେ ଅଧିକ ଚର୍ବି ବୃଦ୍ଧିରେ ସହାୟକ ହୋଇପାରେ । ଶାରୀରିକ କାର୍ଯ୍ୟକଳାପର ଅଭାବ NASH ର ବିପଦକୁ ଆହୁରି ବଢ଼ାଇଥାଏ। ଅନ୍ୟାନ୍ୟ ଚିକିତ୍ସା ଅବସ୍ଥା: ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍ (PCOS), ହାଇପୋଥାଇରଏଡିଜିମ୍ ଏବଂ ପ୍ରତିବନ୍ଧିତ ନିଶ୍ୱାସ ପ୍ରଶ୍ୱାସ (ଅବଷ୍ଟ୍ରକ୍ଟିଭ୍ ଆପ୍ନିଆ) ଭଳି ଅବସ୍ଥା ମଧ୍ୟ NASH ର ବିକାଶରେ ସହାୟକ ହୋଇପାରେ। ଅବଷ୍ଟ୍ରକ୍ଟିଭ୍ ଆପ୍ନିଆ (OSA) ହେଉଛି ଏକ ସାଧାରଣ ଅବସ୍ଥା ଯାହା ଶୋଇବା ସମୟରେ ଆପଣଙ୍କ ଶ୍ୱାସକୁ ବାରମ୍ବାର ବନ୍ଦ କରିଦିଏ ।

(NASH)ର ନିରାକରଣ - ପ୍ରାରମ୍ଭିକ ପର୍ଯ୍ୟାୟରେ ନାଶ ପ୍ରାୟତଃ ଅସ୍ୱାଭାବିକ, ରୋଗ ନିର୍ଣ୍ଣୟକୁ କଷ୍ଟକର କରିଥାଏ। ଯେତେବେଳେ ଲକ୍ଷଣ ଦେଖାଯାଏ, ଯେପରି ଥକ୍କା ଲାଗିବା, ଦୁର୍ବଳତା, ଓଜନ ହ୍ରାସ କିମ୍ବା ଉପର ଡାହାଣ ପେଟରେ ଦୁର୍ବଳ ଯନ୍ତ୍ରଣା ଅନ୍ତର୍ଭୁକ୍ତ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ନିର୍ଦ୍ଦିଷ୍ଟ ନୁହେଁ, ନିରାକରଣ ସାଧାରଣତଃ ନିମ୍ନଲିଖିତ ପଦ୍ଧତିଗୁଡ଼ିକର ଆବଶ୍ୟକ କରେ। ଚିକିତ୍ସା ଇତିହାସ ଏବଂ ଶାରୀରିକ ପରୀକ୍ଷା - ଡାକ୍ତରମାନେ ଜୀବନଶୈଳୀ, ଖାଦ୍ୟ, ବ୍ୟାୟାମ, ମଦ୍ୟପାନ ଏବଂ ମଧୁମେହ କିମ୍ବା ମୋଟାପଣ ପରି ଲକ୍ଷଣ ବିଷୟରେ ବୁଝି ରୋଗ ନିର୍ଣ୍ଣୟ କରନ୍ତି। ରକ୍ତ ପରୀକ୍ଷା: ଲିଭର ଫଙ୍କସନ୍ ଟେଷ୍ଟ୍ (LFTs) ପ୍ରାୟତଃ NASH ର ପ୍ରଥମ ସୂଚକ ଅଟେ, ଯକୃତ ଏନଜାଇମର ଉଚ୍ଚ ସ୍ତରଗୁଡ଼ିକ ପ୍ରକାଶ କରିଥାଏ ଯେପରିକି ଆଲାନାଇନ୍ ଆମିନୋଟ୍ରାନ୍ସଫେଜ୍ (ALT) ଏବଂ ଆସପାର୍ଟେଟ୍ ଆମିନୋଟ୍ରାନ୍ସଫେଜ୍ (AST) । ଇମେଜିଙ୍ଗ୍ ପରୀକ୍ଷା: ଅଲଟ୍ରାସାଉଣ୍ଡ ନିର୍ଦ୍ଦିଷ୍ଟ ନ ହେଲେ ମଧ୍ୟ ଅଲଟ୍ରାସାଉଣ୍ଡ ଯକୃତରେ (ଷ୍ଟାଟୋସିସ୍) ଚର୍ବି ଜମା ଚିହ୍ନଟ କରିପାରିବ । ଫାଇବ୍ରୋସ୍କାନ୍ (କ୍ଷଣସ୍ଥାୟୀ ଏଲାଷ୍ଟୋଗ୍ରାଫି): ଏହି ଅଣ-ଆକ୍ରମଣକାରୀ ପରୀକ୍ଷା ଯକୃତର କଠିନତାକୁ ମାପ କରିଥାଏ, ଯାହା NASH ସହିତ ଜଡ଼ିତ ଫାଇବ୍ରୋସିସ୍ (ଦାଗ) କୁ ସୂଚାଇପାରେ । ଚୁମ୍ବକୀୟ ରିଜୋନାନ୍ସ ଇମେଜିଙ୍ଗ୍ (MRI) କିମ୍ବା ସିଟି ସ୍କାନ୍: ଏହି ଇମେଜିଙ୍ଗ୍ କୌଶଳଗୁଡ଼ିକ ଯକୃତର ଚର୍ବିର ଅଧିକ ବିସ୍ତୃତ ଚିତ୍ର ପ୍ରଦାନ କରିଥାଏ । ଲିଭର ବାୟୋପସି: NASH ନିରାକରଣ ପାଇଁ ଉତ୍କୃଷ୍ଟ ମାନକ ହେଉଛି ଏକ ଯକୃତ ବାୟୋପସି, ଯେଉଁଠାରେ ଚର୍ବି ସଂଗ୍ରହ, ପ୍ରଦାହ ଏବଂ ଫାଇବ୍ରୋସିସ୍ ଆକଳନ କରିବା ପାଇଁ ମାଇକ୍ରୋସ୍କୋପ୍ ଅଧୀନରେ ଯକୃତ ଟିସୁର ଏକ ଛୋଟ ନମୁନା ପରୀକ୍ଷା କରାଯାଏ । ଏକ ବାୟୋପସି NASH ର ଉପସ୍ଥିତି ନିଶ୍ଚିତ କରିପାରିବ ଏବଂ ଏହାର ଗମ୍ଭୀରତା ନିର୍ଣ୍ଣୟ କରିପାରିବ ।

NASH ର ଚିକିତ୍ସା -

NASH ର ଚିକିତ୍ସା ପାଇଁ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ, FDA- ଅନୁମୋଦିତ ଔଷଧ ନାହିଁ । ତଥାପି, ଚିକିତ୍ସା ଅନ୍ତର୍ନିହିତ ବିପଦ କାରଣଗୁଡ଼ିକ ଏବଂ ରୋଗର ପ୍ରଗତିକୁ ମନ୍ଥର କରିବା ଉପରେ ଧ୍ୟାନ ଦେଇଥାଏ । ରଣନୀତିରେ ନିମ୍ନଲିଖିତ କେତୋଟି ବିଷୟ ଅନ୍ତର୍ଭୁକ୍ତ; ଯଥା: ଜୀବନ ଶୈଳୀରେ ପରିବର୍ତ୍ତନ, ଓଜନ ହ୍ରାସ: ଶରୀରର ଓଜନର ୭-୧୦% ହ୍ରାସ ହେଲେ ଯକୃତର ଚର୍ବି, ପ୍ରଦାହ ଏବଂ ଫାଇବ୍ରୋସିସ୍ ଯଥେଷ୍ଟ କମିଯାଏ । ଏକ ସୁସ୍ଥ ଖାଦ୍ୟ ଏବଂ ବ୍ୟାୟାମର ମିଶ୍ରଣ ମାଧ୍ୟମରେ ଧୀରେ ଧୀରେ ଓଜନ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଛି । ଖାଦ୍ୟ: ଫଳ, ପନିପରିବା, ପୁରା ଶସ୍ୟ, ଏବଂ ସୁସ୍ଥ ଚର୍ବି (ଯେପରିକି ଅଲିଭ୍ ତେଲ ଏବଂ ବାଦାମ) ଭରପୂର ଏକ ଭୂମଧ୍ୟସାଗରୀୟ ଶୈଳୀରେ ଯକୃତରେ ଚର୍ବି ଜମା କମିଯାଏ । ଶର୍କରା ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ ଅତ୍ୟଧିକ ପରିପୂର୍ଣ୍ଣ ଚର୍ବିରୁ ଦୂରେଇ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବ୍ୟାୟାମ: ନିୟମିତ ଏରୋବିକ୍ ବ୍ୟାୟାମ, ଯେପରିକି ଚାଲିବା କିମ୍ବା ପହଁରିବା, ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରିବାରେ ଏବଂ ଯକୃତର ଚର୍ବି ହ୍ରାସ କରିବାରେ ସାହାଯ୍ୟ କରେ । ଔଷଧ: ଏ ବିଷୟରେ ଯୋଗ୍ୟତାପ୍ରାପ୍ତ ଡାକ୍ତର ହିଁ ଠିକ ପରାମର୍ଶ ଦେଇପାରିବେ। ସାଧାରଣ ଜ୍ଞାନ କହେ ଇନସୁଲିନ୍-ସମ୍ବେଦନଶୀଳ ଏଜେଣ୍ଟ ପରି ଔଷଧ ଘଇଝଐ ଥିବା ଲୋକଙ୍କଠାରେ ଯକୃତର ଚର୍ବି ଏବଂ ପ୍ରଦାହକୁ ହ୍ରାସ କରିବାରେ ସାହାଯ୍ୟ କରେ। ଭିଟାମିନ୍ ଇ: ମଧୁମେହ ରୋଗୀମାନଙ୍କଠାରେ ଭିଟାମିନ୍ ଇ ପରିପୂରକ ଭାବେ ଯକୃତ ପ୍ରଦାହକୁ ହ୍ରାସ କରିପାରେ। ତଥାପି, ଦୀର୍ଘକାଳୀନ ବ୍ୟବହାର ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ୍ । ଉଦୀୟମାନ ଚିକିତ୍ସା: ବୈଜ୍ଞାନିକ ମାନେ ଯକୃତର ଚର୍ବି ମେଟାବୋଲିଜିମ୍, ଫାଇବ୍ରୋସିସ୍ ଏବଂ ପ୍ରଦାହ ସହିତ ଜଡ଼ିତ ପଥକୁ ଲକ୍ଷ୍ୟ କରି କ୍ଲିନିକାଲ୍ ପରୀକ୍ଷା କରି ନୂତନ ଔଷଧ ଅନୁସନ୍ଧାନ କରୁଛନ୍ତି । ସଂପୃକ୍ତ ସର୍ତ୍ତଗୁଡ଼ିକ ପରିଚାଳନା ପାଇଁ ମଧୁମେହ ଏବଂ ଉଚ୍ଚ କୋଲେଷ୍ଟ୍ରଲର ନିୟନ୍ତ୍ରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଜୀବନ ଶୈଳୀରେ ପରିବର୍ତ୍ତନ ସହିତ ମଧୁମେହର ସଠିକ୍ ପରିଚାଳନା ଫଳାଫଳକୁ ଉନ୍ନତ କରିପାରିବ । କୋଲେଷ୍ଟ୍ରଲ ହ୍ରାସ କରୁଥିବା ଔଷଧ ମଧ୍ୟ ଯକୃତ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ । ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ, କାରଣ ଉଚ୍ଚ ରକ୍ତଚାପ ଯକୃତ ରୋଗର ପ୍ରଗତିକୁ ଖରାପ କରିପାରେ ।

ଜଟିଳତା ଉପରେ ନଜର ରଖିବା ଏବଂ ପରିଚାଳନା: ପରିଣତ ପରିସ୍ଥିତିରେ, ଯେତେବେଳେ NASH ସିରୋସିସ୍ ରୋଗର କାରଣ ହୋଇଯାଏ, ସେତେବେଳେ ଚିକିତ୍ସା ଆସାଇଟିସ, ଭାରିସେସ୍ କିମ୍ବା ଯକୃତ ବିଫଳତା ଭଳି ଜଟିଳତା ପରିଚାଳନା ଉପରେ ଧ୍ୟାନ ଦେଇଥାଏ । ଆସାଇଟିସ ହେଉଛି ଏକ ଡାକ୍ତରୀ ଶବ୍ଦ ଯାହା ପେଟରେ ତରଳ ପଦାର୍ଥର ଅସ୍ୱାଭାବିକ ନିର୍ମାଣକୁ ବୁଝାଏ। ଯକୃତ ରୋଗ ଏବଂ ବିଳମ୍ବିତ ପର୍ଯ୍ୟାୟ କର୍କଟ ସମେତ ଅନେକ ଅବସ୍ଥା ଦ୍ୱାରା ହୋଇପାରେ। ସେହିପରି ଯକୃତରେ ଶିରା ବିସ୍ତାରିତ ହୋଇ ଯକୃତକୁ ରକ୍ତ ପ୍ରବାହ ଅବରୋଧ ହେଲେ ଭାରିସେସ୍ ବିକାଶ ହୋଇପାରେ। ଶେଷ ପର୍ଯ୍ୟାୟ ଯକୃତ ରୋଗରେ ପୀଡିତ ରୋଗୀଙ୍କ ପାଇଁ ଯକୃତ ପ୍ରତିରୋପଣକୁ ବିଚାର କରାଯାଇପାରେ।

ଏ ସମସ୍ତ ବିଷୟର ସାରାଂଶ ହେଲା ଅଣ-ମଦ୍ୟପ ଷ୍ଟାଟୋହେପାଟାଇଟିସ୍ ମେଦବହୁଳତା ଏବଂ ମେଟାବୋଲିକ୍ ସିଣ୍ଡ୍ରୋମର ବୃଦ୍ଧି ହେତୁ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ଚିନ୍ତା ବଢ଼ୁଛି। ଜୀବନ ଶୈଳୀ ପରିବର୍ତ୍ତନ ଚିକିତ୍ସାର ମୂଳଦୁଆ ହୋଇ ରହିଥିବାବେଳେ ଉଦୀୟମାନ ଚିକିତ୍ସା NASH ର ଅଧିକ ପ୍ରଭାବଶାଳୀ ପରିଚାଳନା ପାଇଁ ଆଶା ପ୍ରଦାନ କରେ। ସିରୋସିସ୍ କିମ୍ବା ଯକୃତ କର୍କଟ ପରି ରୋଗର ପ୍ରଗତିକୁ ଅଧିକ ଗୁରୁତର ଅବସ୍ଥାରେ ରୋକିବା ପାଇଁ ଶୀଘ୍ର ନିରାକରଣ ଏବଂ ହସ୍ତକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଅଧିକ ତଥ୍ୟ ଆର ଥରକୁ।

# ଦୀପଦାନର ମହାପର୍ବ : ଦୀପାବଳି

ସାଇପ୍ରସାଦ ସାହୁ
ଗବେଷକ ଓ ସ୍ତମ୍ଭକାର,
ସିନ୍ଧେକେଲା, ବଲାଙ୍ଗୀର
ମୋ-୯୯୩୭୦୩୪୭୪୨



ପ୍ରତ୍ୟେକ ଧର୍ମ ସଂସ୍କୃତିରେ ଦୀପ ପ୍ରଜ୍ୱଳନକୁ ଏକ ମଙ୍ଗଳମୟ କାର୍ଯ୍ୟ ବୋଲି ଗ୍ରହଣ କରାଯାଇଥାଏ । ହିନ୍ଦୁ ଧର୍ମ ଅନୁସାରେ ଦାନ ଦିଆଯାଇ ଧର୍ମ ଅର୍ଜନ କରାଯାଏ ବୋଲି ବିଶ୍ୱାସ ରହିଛି। ଦାନ କରିବା ଦ୍ୱାରା ସୁଖ, ସ୍ୱର୍ଗ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । ଧର୍ମୀୟ ଓ ସାମାଜିକ ପରମ୍ପରାରେ ଭୂଦାନ, କନ୍ୟାଦାନ, ଗୋଦାନ, ପିଣ୍ଡଦାନ, ଅନ୍ନଦାନ, ବିଦ୍ୟାଦାନ, ଜଳଦାନ, ଦୀପଦାନର ପ୍ରଶସ୍ତି ରହିଛି। ଏ ସମସ୍ତ ଦାନ ମଧ୍ୟରୁ ଭାରତୀୟ ଜନମାନସରେ ଦୀପଦାନ ଏକ ପରମ ପୁଣ୍ୟ ପ୍ରଥା ଓ ପରମ୍ପରା। ଦୀପ ମନୁଷ୍ୟର ଆତ୍ମିକ ଜ୍ୟୋତି ତଥା ଉତ୍ତରାୟଣର ପ୍ରତୀକ । ଭାରତୀୟ ସଂସ୍କୃତି ଦୀପକୁ ପାପର ବିନାଶ ରୂପେ ସର୍ବଶ୍ରେଷ୍ଠ ଆସନରେ ଅଧିଷ୍ଠିତ କରିଛି । ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଏ। ଦୀପ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ । ସେଥିପାଇଁ ଭାରତୀୟ କିମ୍ବଦନ୍ତୀ ଓ ଜନମାନସରେ ଦୀପଦାନ ମହାପୁଣ୍ୟ ଭାବେ ସ୍ୱୀକୃତ। କାର୍ତ୍ତିକ ମାସରେ ଦୀପଦାନ କରୁଥିବା ଶ୍ରଦ୍ଧାଳୁ ଅସୀମ ପୁଣ୍ୟ ଅର୍ଜନ କରିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଦୀପ ଅଗ୍ନିଙ୍କ ପ୍ରତୀକ । ଦୀପ ଜଳାଇବା ଅର୍ଥ ଅଗ୍ନି ଦେବଙ୍କୁ ଆମନ୍ତ୍ରଣ କରିବା । ମନୁଷ୍ୟର ଜୀବନ ଯାତ୍ରା ସହ ଅଗ୍ନିର ଉପାଦେୟତା ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡ଼ିତ । ବେଦ କହେ ଅଗ୍ନି ଓ ଜଳର କ୍ରୀଡାରୁ ଜୀବଜଗତର ସୃଷ୍ଟି । ଅଗ୍ନି ଓ ଜଳ ମଧ୍ୟ ବିନାଶର କାରଣ ହୋଇଥାଆନ୍ତି। ଦୀପ ଜଳାଇଲେ ଆଲୋକ ବା ଜ୍ୟୋତି ବିଚ୍ଛୁରିତ ହୁଏ। ଉପନିଷଦ କହେ ଆମ ହୃଦୟ ଅଜ୍ଞାନ ଅନ୍ଧକାରର ଗନ୍ତାଘର । ଜ୍ୟୋତି ଜ୍ଞାନର ପ୍ରତୀକ । ଦୀପ ଅଜ୍ଞାନରୂପୀ ଅନ୍ଧକାରକୁ ଦୂର କରି ଆମ ଭିତରେ ଜ୍ଞାନର ବର୍ତ୍ତିକା ଜାଗ୍ରତ କରିଥାଏ । ତେଣୁ ଦୀପ ଅନ୍ଧକାରରୁ ଆଲୋକର ପ୍ରତୀକ ଓ ନିରାଶାରୁ ଆଶାର ଦ୍ୟୋତକ ଅଟେ । ନିଜ ଭିତରେ ଥିବା ଅଜ୍ଞାନ ଓ ଆଳସ୍ୟ ଭାବ ଦୂର କରି ବିକାଶ ପଥର ଯାତ୍ରୀ ହେବା ପାଇଁ ଦୀପଶିଖା ଶିକ୍ଷା ଦିଏ। ଦୀପ ସୃଷ୍ଟି , ସ୍ଥିତି ଓ ବୈଭବର ପ୍ରତୀକ । ଦୀପ ଜ୍ୟୋତି ପୁଣି ପାପ ବିନାଶକ । ଏହି ସୃଷ୍ଟି ପାଞ୍ଚୋଟି ମହାଭୂତିକୁ ନେଇ ପ୍ରତିଷ୍ଠିତ । ସେମାନେ ହେଲେ ଜଳ, ସ୍ଥଳ, ଆକାଶ, ବାୟୁ ଓ ଅଗ୍ନି । ପଞ୍ଚ ମହାଭୂତ ମଧ୍ୟରୁ ମାଟି ହେଉଛି ଗୋଟିଏ । ମାଟି ନିର୍ମିତ ଦୀପଟି ମନୁଷ୍ୟ ଶରୀରର ପ୍ରତୀକ ଅଟେ । ମନୁଷ୍ୟର ରକ୍ତ , ମାଂସ ଶରୀରକୁ ମାଟି ପିଣ୍ଡ ବୋଲି କୁହାଯାଏ। ଦୀପରେ ତେଲ ବା ଘିଅ ଦେଲେ ତାହା ଜଳେ । ମନୁଷ୍ୟର ଏହି ମାଟି ସଦୃଶ ଦେହରେ ତା'ର ଜୀବନୀ ଶକ୍ତି ହିଁ ତେଲ ସଦୃଶ । ଦୀପ ଜଳାଇବା ଦ୍ୱାରା ମନୁଷ୍ୟ ତେଜସ୍ୱୀ ଓ ଉଚ୍ଚାକାଂକ୍ଷୀ ହୁଏ । ତେଣୁ ଦୀପକୁ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ । ଏହି ଦୀପ ଆମକୁ ଅସତ୍ୟ , ଅହିଂସା ଓ ଅନୀତିଠାରୁ ଦୂରେଇ ସତ୍ ପଥରେ ଚାଲିବାର ମାର୍ଗ ଦେଖାଇଥାଏ । ଅସତ୍ୟରୁ ସତ୍ୟ , ଅନ୍ଧକାରରୁ ଆଲୋକ ଓ ମୃତ୍ୟୁରୁ ଅମୃତ୍ୟୁକୁ ଦୀପ ନେଇଥାଏ । ଦୀପ ବିଭିନ୍ନ ପ୍ରକାରର ଯଥା ; ଏକମୁଖୀ, ତ୍ରୟମୁଖୀ, ଷଡମୁଖୀ, ସପ୍ତମୁଖୀ,ଏକଶତ ଆଠମୁଖୀ ଓ ସହସ୍ରମୁଖୀ । ତ୍ରିନାଥ ପୂଜା ସମୟରେ ତ୍ରୟମୁଖୀ ଦୀପ, ଦେବାଦେବୀ ମନ୍ଦିରରେ ଆରତୀ ସମୟରେ ପଞ୍ଚମୁଖୀ ଦୀପ, କାର୍ତ୍ତିକେୟଙ୍କ ପୂଜା ବିଧିରେ ଷଡମୁଖୀ ଦୀପ, ବିବାହ କର୍ମରେ ସପ୍ତମୁଖୀ ଦୀପ, ଆଶ୍ୱିନ ମାସ ଦୁର୍ଗାପୂଜା ଓ ମଙ୍ଗଳା ଓଷାରେ ଏକଶତ ଆଠମୁଖୀ ଦୀପ, ରୁଦ୍ରାଭିଷେକ ସମୟରେ ଏକଶତ ଏକୋଇଶିମୁଖୀ ଦୀପ ପ୍ରଜ୍ୱଳନ କରାଯାଇଥାଏ । ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାଠାରେ ଥିବା ମହିମା ଗୋସାଇଁ ପୀଠରେ ବର୍ତ୍ତମାନ ମଧ୍ୟ ଅଖଣ୍ଡ ଦୀପ ଏବେ ବି ପ୍ରଜ୍ୱଳିତ ହେଉଛି । ପୁରୀ ଶ୍ରୀମନ୍ଦିରରେ ପ୍ରତି ଏକାଦଶୀରେ ମହତ ଉଦ୍ଦେଶ୍ୟରେ ମହାଦୀପ ଉଠେ । ପବିତ୍ର କାର୍ତ୍ତିକ ମାସରେ ଆକାଶ ଦୀପ ଜଳାଯିବାର ପରମ୍ପରା ରହିଛି । ପିତୃପୁରୁଷ ତଥା ପ୍ରେତପୁରୁଷଙ୍କ ଅନ୍ଧକାରଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ପାଇଁ ଓଡ଼ିଶାର ଘରେ ଘରେ ତୁଳସୀ ଚଉରା ନିକଟରେ ଆକାଶ ଦୀପ ଜଳାଯାଏ । ଏହି ଦୀପ ଜଳାଇବା ଦ୍ୱାରା ଘରର ପରିବେଶ ପବିତ୍ର ତଥା ସକରାତ୍ମକ ଉର୍ଜା ଶକ୍ତିରେ ଭରପୁର ହୋଇଥାଏ । ଯେଉଁମାନେ ମାସ ସାରା ଆକାଶ ଦୀପ ଜଳାଇ ପାରନ୍ତି ନାହିଁ ସେମାନେ କାର୍ତ୍ତିକ ପଞ୍ଚକ ପାଞ୍ଚ ଦିନ ଆକାଶ ଦୀପ ପ୍ରଜ୍ୱଳନ କରିଥାନ୍ତି । ଆକାଶ ଦୀପ ପ୍ରଜ୍ୱଳନ ସତ୍ୟ, ଦିବ୍ୟ ଚେତନା ଓ ଆଶାର ସଂକେତ ବହନ କରିଥାଏ । ଆନନ୍ଦ ଓ ଆଲୋକର ଉତ୍ସବ ଦୀପାବଳିର ଆଦର୍ଶ ଏବଂ ଆବେଦନ ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ଗରିମାମୟ । ବହୁ କିମ୍ବଦନ୍ତୀ ଓ ବିଶ୍ୱାସ ଧାରା ସହ ଆନନ୍ଦର ପର୍ବ ଦୀପାବଳି ଜଡ଼ିତ । ଦୀପାବଳି ପର୍ବର ଅର୍ଥ ଦୀପ ସମୂହ। ଏହା ଦୀପ ଓ ଆବଳୀ ଶବ୍ଦର ସମାହାର । ଜୀବଜଗତରୁ ଅନ୍ଧକାର ରୂପକ ଅନ୍ୟାୟ , ଭ୍ରଷ୍ଟାଚାର, ଦୁର୍ନୀତି ଓ ହତ୍ୟା ଦୂର କରି ଆଲୋକ ରୂପକ ଶାନ୍ତିର ଛାୟା ବିଛାଇ ହୋଇ ରହୁ ଏହା ହିଁ କାମନା ବା ଦୀପାବଳିର ମୂଳ ଉଦ୍ଦେଶ୍ୟ । ଭାରତ ବର୍ଷରେ ପାଳନ କରାଯାଉଥିବା ପର୍ବପର୍ବାଣୀ ମଧ୍ୟରେ ଦୀପାବଳିର ସାମାଜିକ ଓ ଧାର୍ମିକ ଦୃଷ୍ଟିକୋଣରୁ ଅଧିକ ମହତ୍ତ୍ୱ ରହିଛି । ଏହାକୁ ଦୀପୋତ୍ସବ ମଧ୍ୟ କୁହାଯାଏ । ଆମ ରାଜ୍ୟରେ କାର୍ତ୍ତିକ ମାସର କୃଷ୍ଣ ତ୍ରୟୋଦଶୀଠାରୁ ଆରମ୍ଭ କରି ଶୁକ୍ଳପକ୍ଷ ଦ୍ୱିତୀୟା ଯାଏଁ ଆଲୋକର ପର୍ବ ଦୀପାବଳି ପାଳିତ ହୁଏ । ଏଥିମଧ୍ୟରୁ କାର୍ତ୍ତିକ ଅମାବାସ୍ୟାଟିକୁ ବଡ଼ ଦୀପାବଳି ରୂପେ ପାଳନ କରାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ଆବାହନ କରାଯାଇଥାଏ ଓ ପିତୃପୁରୁଷଙ୍କୁ ପିଣ୍ଡଦାନ ଓ ଶ୍ରାଦ୍ଧ ପୂର୍ବକ ବଡ଼ବଡିଆ ଡକାଯାଏ । ଏହାର ପୂର୍ବଦିନ ଅର୍ଥାତ୍ କୃଷ୍ଣ ଚତୁର୍ଦ୍ଦଶୀକୁ ଛୋଟ ଦୀପାବଳି ବୋଲି କୁହାଯାଏ । ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟରେ କେବଳ ଅମାବାସ୍ୟା ଦିନ ହିଁ ଦୀପାବଳି ପର୍ବର ପ୍ରାଧାନ୍ୟତା ରହିଥାଏ । କେବଳ ହିନ୍ଦୁମାନେ ନୁହଁନ୍ତି ; ଶିଖ୍ , ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ମଧ୍ୟ ଏହାକୁ ପାଳନ କରିଥାନ୍ତି । ଅନ୍ଧକାର ଉପରେ ଆଲୋକର ଏହି ବିଜୟର ପର୍ବ ସମାଜରେ ଉଲ୍ଲାସ, ଭାତୃତ୍ୱ ଓ ପ୍ରେମର ବାର୍ତ୍ତା ପରିବ୍ୟାପ୍ତ କରିଥାଏ। ସାମୂହିକ ଓ ବ୍ୟକ୍ତିଗତ ଭାବେ ପାଳନ କରାଯାଉଥିବା ଏଭଳି ଏକ ବିଶିଷ୍ଟ ପର୍ବ; ଯାହା ଧାର୍ମିକ , ସାଂସ୍କୃତିକ ଓ ସାମାଜିକ ବିଶେଷତ୍ୱ ରଖିଥାଏ ।

# ବିପ୍ଳବୀ ଜନନାୟକ ଭଗବତୀ ଚରଣ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଓଡିଶା ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ଜନକ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଜନନାୟକ ଭଗବତୀଚରଣ ପାଣିଗ୍ରାହୀ ୧୯୦୮ ମସିହା ଫେବୃଆରୀ ୧ ତାରିଖରେ ଅବିଭକ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ବାଲିପାଟଣା ଥାନା,ବିଶ୍ୱନାଥ ପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଭଗବତୀଙ୍କ ପିତାଙ୍କ ନାମ ସ୍ୱପ୍ନେଶ୍ୱର ପାଣିଗ୍ରାହୀ। ବଡଭାଇ ଦିବ୍ୟସିଂହ ପାଣିଗ୍ରାହୀ ଓକିଲ ଏବଂ କାଳିନ୍ଦୀ ଚରଣ ପାଣିଗ୍ରାହୀ ସୁଲେଖକ, ସୁନାମଧନ୍ୟ କବି ଥିଲେ । ଉଭୟେ ଦେଶପ୍ରେମୀ ଓ ସାହିତ୍ୟ ସଂସ୍କୃତିର ମଣିଷ ଥିଲେ। ସେମାନଙ୍କର ଅନୁପ୍ରେରଣା ଭଗବତୀଙ୍କୁ ବାଲ୍ୟକାଳରୁ ସମାଜ ସଂସ୍କାରକ ଭାବେ ବାଟ କଢାଇ ନେଇଥିଲା । ଭଗବତୀ ଚରଣ ନିଜର ପ୍ରାଥମିକ ଶିକ୍ଷା ପୁରୀ ଜିଲ୍ଲା ସ୍କୁଲ ଓ ସତ୍ୟବାଦୀ ବନ ବିଦ୍ୟାଳୟରୁ ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପାଟନା ଯାଇଥିଲେ ଏବଂ ସେଠାରେ ଏମ୍.ଏ. ପାଶ୍ କରି ଓଡ଼ିଶାକୁ ଫେରିଆସି କଟକର ରେଭେନ୍ସା କଲେଜରେ ଆଇନ୍ ଶାସ୍ତ୍ର ଅଧ୍ୟୟନ କରିଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟ, ପୁରୀ ଜିଲ୍ଲା ସ୍କୁଲ, ପାଟନା କଲେଜ ଏସବୁ ସ୍ଥାନରେ ଭଗବତୀ ଦେଖିଥିଲେ ବିପ୍ଳବର ବହ୍ନି । ପାଟଣା ବିଶ୍ୱବିଦ୍ୟାଳୟରେ ପାଠ ପଢା ସମୟରେ, ସେ ଅଧ୍ୟାପକ ଜ୍ଞାନଚାନ୍ଦଙ୍କଦ୍ୱାରା ବହୁଳ ଭାବରେ ପ୍ରଭାବିତ ହୋଇଥିଲେ । ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଭଗବତୀ ସାମ୍ୟବାଦୀ ବିଚାରକୁ ସ୍ୱାଗତ କରିଥିଲେ ଏବଂ ପରବର୍ତ୍ତୀ ଦଶନ୍ଧିରେ ସେଥିରେ ସେ ଅସାଧାରଣ ଭୂମିକା ଗ୍ରହଣ କରିଥିଲେ। ଦଶ ବର୍ଷର ସାମାଜିକ ଓ ରାଜନୈତିକ ଜୀବନରେ ସେ ମାନବ ମୁକ୍ତିର ମହାନ ଦର୍ଶନକୁ ଉପଲବ୍ଧିକରି ଅନ୍ୟମାନଙ୍କୁ ଅନୁପ୍ରେରିତ କରିଥିଲେ । ଗାନ୍ଧି, ଗୋପବନ୍ଧୁ, ନେହେରୁ, ଭଗତସିଂହ ଆଦି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଗଭୀର ପ୍ରଭାବ ଭଗବତୀଙ୍କ ଉପରେ ପଡିଥିଲା। କାର୍ଲମାକ୍ସ, ଲେନିନ୍‌ଙ୍କ ସାମାଜିକ ଚିନ୍ତାଧାରା ପ୍ରତି ଭଗବତୀ ଚରଣ ଆକୃଷ୍ଟ ହୋଇଥିଲେ । ସାମ୍ୟବାଦ ଏକ ମହାନ ମାନବବାଦୀ ଦର୍ଶନ, ବିଜ୍ଞାନ ସମ୍ମତ ଚିନ୍ତାଧାରା । ଶ୍ରେଣୀହୀନ, ଶୋଷଣ ମୁକ୍ତ ଓ ସମତୁଲ ସମାଜ ଗଠନର ଆଭିମୁଖ୍ୟ ନେଇ ଗଢି ଉଠିଥିଲା ସାମ୍ୟବାଦ ବିଚାରଧାରା। ସେଥିପାଇଁ ସେ ସାମ୍ୟବାଦର ଆଦର୍ଶକୁ ବାଛିନେଇଥିଲେ। ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧିଙ୍କ ଅହିଂସା ମାର୍ଗପ୍ରତି ବୀତସ୍ପୃହ ହୋଇ ଲେଲିନଙ୍କ ପଥ ଗ୍ରହଣ କରିଥିଲେ। ୧୯୩୫ ମସିହାରେ କଲିକତାରେ ଅବସ୍ଥାନ ସମୟରେ ସେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହୋଇଥିଲେ । ୧୯୩୬ ମସିହାରେ ସେ ପ୍ରାଣନାଥ ଓ ଗୁରୁଚରଣଙ୍କୁ ନେଇ ଓଡ଼ିଶାରେ ଏକ କମ୍ୟୁନିଷ୍ଟ ସେଲ ଗଠନ କରିଥିଲେ । ନବ ଗଠିତ କମ୍ୟୁନିଷ୍ଟ ଦଳର ପ୍ରଥମ ସମ୍ପାଦକ ଥିଲେ ଭଗବତୀ ଚରଣ । ସାମ୍ୟବାଦ ଚିନ୍ତାଧାରାର ସମାଜ ଗଠନ କରିବା ତାଙ୍କର ଲକ୍ଷ୍ୟ ଥିଲା । ସେ ବ୍ୟକ୍ତିଗତ ଜୀବନରେ ଲେନିନ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଲେନିନ୍‌ଙ୍କୁ ଏକ ପ୍ରତୀକ ଭାବରେ ଗ୍ରହଣ କରିଥିଲେ । ସେଥିପାଇଁ ଭଗବତୀ ଚରଣଙ୍କୁ ଓଡ଼ିଶାର ଲେନିନ୍ ବୋଲି କୁହାଯାଏ । ଭଗବତୀ ଚରଣ ଥିଲେ ଦୁଃଖୀ ଦରିଦ୍ରଙ୍କ ବନ୍ଧୁ । ଓଡିଶା କମ୍ୟୁନିଷ୍ଟ ଦଳର ପ୍ରଥମ ସମ୍ପାଦକ ଭାବେ ତାଙ୍କର ବୈପ୍ଳବିକ ନେତୃତ୍ୱ ଥିଲା ଖୁବ୍ ଉଚ୍ଚକୋଟୀର । ସେ ସର୍ବଦା ଦଳିତ, ପତିତ, ଦୁଃଖୀ ଦରିଦ୍ର ଜନତା ଓ ଶ୍ରମିକ ମାନଙ୍କର ସେବା କାର୍ଯ୍ୟ କରୁଥିଲେ । ତାଙ୍କର ରାଜନୀତି ପରି ସାହିତ୍ୟିକ ଚିନ୍ତାଧାରା ମଧ୍ୟ ଆନ୍ତର୍ଜାତିକ ଓ ବିପ୍ଳବାତ୍ମକ ହୋଇଥିଲା । ଓଡ଼ିଆ ସାହିତ୍ୟରେ ସାମ୍ୟବାଦୀ ଚେତନାର ଆଦ୍ୟ ବର୍ତ୍ତାବହ ଥିଲେ ଭଗବତୀଚରଣ। ସାମ୍ୟବାଦ ଆଦର୍ଶକୁ ବାସ୍ତବ ରୂପ ଦେବାରେ ସେ ଥିଲେ ପ୍ରଥମ ଓଡ଼ିଆ । ସାହିତ୍ୟ କ୍ଷେତ୍ରରେ ନୂତନ ଭାବଧାରା ସୃଷ୍ଟି କରିବା ପାଇଁ ବନ୍ଧୁ ମାନଙ୍କସହ ମିଶି ଗଠନ କରିଥିଲେ 'ନବଯୁଗ ସାହିତ୍ୟ ସଂସଦ' । ଏହି ଅନୁଷ୍ଠାନର ମୁଖପତ୍ର ରୂପେ 'ଆଧୁନିକ' ନାମକ ଏକ ମାସିକ ପତ୍ରିକା ପ୍ରକାଶ କରି ଓଡ଼ିଶାରେ ସାମ୍ୟବାଦୀ ଚିନ୍ତାଧାରାର ଏକ ନବୀନ ଲେଖକ ଗୋଷ୍ଠୀ ସୃଷ୍ଟି କରିଥିଲେ ଭଗବତୀ ଚରଣ । ଆଧୁନିକ ପତ୍ରିକାରେ ଭଗବତୀ ଚରଣଙ୍କ କାଳଜୟୀ ସୃଷ୍ଟି 'ଶିକାର' ଗଳ୍ପ ସାହିତ୍ୟ ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ସାହିତ୍ୟକୁ ସେ ସମାଜ ପରିବର୍ତ୍ତନ କାର୍ଯ୍ୟରେ ବ୍ୟବହାର କରୁଥିଲେ । ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇଥିଲେ ଭଗବତୀ ଚରଣ । ଏକାଧାରରେ ସେ ଥିଲେ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ଅନୁବାଦକ । ଅଗଣିତ ଓଡ଼ିଆ ମାନଙ୍କ ମଧ୍ୟରେ ସାମ୍ୟବାଦ ଚିନ୍ତାଧାରା ସୃଷ୍ଟି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ତାଙ୍କର ଯେଉଁ କେତୋଟି ଗଳ୍ପ କୋଟି ଓଡ଼ିଆର ହୃଦୟକୁ ଛୁଇଁ ପାରିଛି ତାହା ହେଉଛି ଶିକାର, ହାତୁଡ଼ି, ଦାଆ, ମିଶ୍ରଙ୍କ କୋପ, ସମୟାତୀତ, ଝଡ଼ ଆଦି ଅଭୁଲା ଗଳ୍ପ । ଦ୍ୱିଧା ଓ ଲେଲିନ୍ ଥିଲା ତାଙ୍କର ଦୁଇଟି କବିତା । ସେ ଓଡ଼ିଆ ସାହିତ୍ୟକୁ ଅନେକ କାଳଜୟୀ ସୃଷ୍ଟି ଅର୍ପଣ କରିଛନ୍ତି । ଓଡ଼ିଶାର ପ୍ରଗତିବାଦୀ ସାହିତ୍ୟିକ ମାନଙ୍କ ମଧ୍ୟରୁ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଜଣେ ଅନନ୍ୟ ସୁପ୍ରସିଦ୍ଧ ଲେଖକ। ଓଡ଼ିଶାର ଚାଷୀ ମୂଲିଆ, ଖଟିଖିଆ ମଣିଷ ମାନଙ୍କର ସ୍ୱାର୍ଥପାଇଁ ଆଜୀବନ ଲଢ଼ିଥିଲେ ବିପ୍ଳବୀ ଭଗବତୀ ଚରଣ । ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଶା କୃଷକ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର। ସେତେବେଳେ ଜମିଦାର ଓ ସାହୁକାରମାନେ ଚାଷୀ ମୂଲିଆକୁ ଶୋଷଣ କରୁଥିବାରୁ ସେମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । କୃଷକମାନଙ୍କ ପାଇଁ ତାଙ୍କ ପ୍ରାଣ ଆନ୍ଦୋଳିତ ହୋଇଥିଲା । ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ସେ ଗଠନ କରିଥିଲେ କୃଷକ ସଂଗଠନ। କୃଷକମାନଙ୍କୁ ନିଜର ଅଧିକାର ସମ୍ପର୍କରେ ସଚେତନ କରିବା ପାଇଁ ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା 'କୃଷକ' ନାମରେ ଏକ ପତ୍ରିକା । ସେଥିରେ ସେ କୃଷକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କୃଷକମାନଙ୍କର ବହୁ ସମସ୍ୟାପୂର୍ଣ୍ଣ ଲେଖା ଏହି ପତ୍ରିକାରେ ପ୍ରକାଶ ପାଇଥିଲା । ସ୍ୱାଧୀନତା ସଂଗ୍ରାମରେ ଗଡଜାତ ପ୍ରଜା ଆନ୍ଦୋଳନ, ଚାଷୀ ମୂଲିଆ ଆନ୍ଦୋଳନ ଓ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳର ଜନସେବାରେ ସେ ଅଧିକାଂଶ ସମୟ ବିତାଉ ଥିଲେ । ଢେଙ୍କାନାଳ ଗଡଜାତ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଭଗବତୀ ଚରଣ। ଏହି ଗଡ଼ଜାତ ଆନ୍ଦୋଳନ ସାରା ଓଡ଼ିଶାକୁ ବ୍ୟାପିଯାଇଥିଲା। ଗଡଜାତ ଆନ୍ଦୋଳନର କାର୍ଯ୍ୟଧାରା ବ୍ରିଟିଶ ମାନଙ୍କୁ ଭୟଭୀତ କରାଇଥିଲା। ଏହି ଆନ୍ଦୋଳନର ମୁଖ୍ୟ ଭୂମିକାରେ ଥିଲେ ଭଗବତୀ ଚରଣ ପାଣିଗ୍ରାହୀ । ମାନବ ସେବାକୁ ଜୀବନର ବ୍ରତଭାବେ ଗ୍ରହଣ କରିଥିଲେ । ଗୋପବନ୍ଧୁଙ୍କ ଭଳି ସେ ନିଜକୁ ଦେଶ ଓ ଜାତିର ସେବାପାଇଁ ସମର୍ପଣ କରିଦେଇଥିଲେ । ତାଙ୍କୁ ଲୋକମାନେ ଦ୍ୱିତୀୟ ଗୋପବନ୍ଧୁ ବୋଲି କହୁଥିଲେ । ଦୁର୍ଭିକ୍ଷ ପ୍ରପୀଡ଼ିତ ଜନତାଙ୍କ ସେବା କରୁଥିବା ସମୟରେ ନିଜେ ରୋଗରେ ପୀଡିତ ହେଲେ । ୧୯୪୩ ମସିହା ଅକ୍ଟୋବର ୨୩ ତାରିଖରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୀବନ ଦୀପ ଲିଭିଗଲା। ୩୫ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଭଗବତୀ ଚରଣଙ୍କ କୃତିତ୍ୱ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନ ସର୍ବତ୍ୟାଗୀ ସଂଗ୍ରାମୀ ଏବଂ ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ପ୍ରତିଷ୍ଠାତା ଭାବେ ତାଙ୍କର ଭୂମିକା ଥିଲା ଅନନ୍ୟ । ଓଡ଼ିଆ ଜାତି ଓ ଦରିଦ୍ର ଜନସାଧାରଣଙ୍କ ପାଇଁ ତାଙ୍କର ତ୍ୟାଗ ଓ ନିଷ୍କପଟ ସେବା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ବାତ୍ୟା କ୍ଷୟକ୍ଷତିର ପ୍ରାଥମିକ ଆକଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକ ଅନ୍ତର୍ଗତ ୨୪୯ଟି ଗ୍ରାମ ପଞ୍ଚାୟତର ୧୫୯୩ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୨ଟି ପୌରାଞ୍ଚଳର ୪୪ଗୋଟି ୱାର୍ଡ ବାତ୍ୟାରେ ପ୍ରଭାବିତ ହୋଇଛି । ଏଥିରେ ୧୫,୮୪,୩୯୭ ଲୋକ ପ୍ରଭାବିତ ହୋଇଥିବା ବେଳେ ୧,୨୧,୧୧୬ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଥିଲା । ମୋଟ ୬୪୬ ଆଶ୍ରୟସ୍ଥଳୀରେ ରଖାଯାଇ ସେମାନଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା । ଏହି ବାତ୍ୟା ଯୋଗୁଁ ୭୭,୧୬୬ ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ ୭ଟି ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଛି । ଏହି ବାତ୍ୟା ଯୋଗୁଁ ୮୩୨ ଗ୍ରାମର ୨୮୪୨୬.୭୦ ହେକ୍ଟର ଜମି ଜଳମଗ୍ନ ହୋଇଛି । ଏହାର ପ୍ରଭାବରେ ୫ଟି କଚ୍ଚା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୪୫୯ କଚ୍ଚା ଘର, ଗୋଟିଏ ପକ୍କା ଘର, ୩ଟି କୁଡିଆଘର, ୨୬୨ ଗୋଟି ଗୁହାଳ ଘର ଆଂଶିକ କ୍ଷତି ହୋଇଛି । ରିଲିଫ ଆକାରରେ ଲୋକମାନଙ୍କୁ ୯୮୯.୫ କୁଇଣ୍ଟାଲ ଚୂଡ଼ା, ୧୦୮.୩୫ କୁଇଣ୍ଟାଲ ଗୁଡ, ୩୨୦୧ କାର୍ଟୁନ୍ ବିସ୍କୁଟ୍, ୨,୧୨,୪୮୨ ପାଣି ବୋତଲ ଓ ୫ ରୋଲ୍ ପଲିଥିନ୍ ବଣ୍ଟନ କରାଯାଇଛି । ରାଜନଗର ବ୍ଲକରେ ବାତ୍ୟା ପ୍ରଭାବିତ ଲୋକଙ୍କୁ ଆଇଆରସିଏସ୍ ଭୁବନେଶ୍ୱର ପକ୍ଷରୁ ୧୦୦୦ ପ୍ୟାକେଟ୍ କିଟ୍ ବଣ୍ଟନ କରାଯାଇଛି । ପ୍ରଭାବିତ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୮ଟି ମେଡ଼ିକାଲ ଟିମ୍‌ରେ ୨୫ ଜଣ ଡାକ୍ତର ଓ ୮ ଜଣ ଫାର୍ମାସିଷ୍ଟଙ୍କୁ ନିୟୋଜିତ କରାଯାଇଥିଲା ଓ ପଶୁ ଚିକିତ୍ସା ପାଇଁ ୨୦ଟି ଭେଟନାରୀ ଟିମ୍ ନିୟୋଜିତ କରାଯାଇଥିଲା । ଏହି ବାତ୍ୟା ଯୋଗୁଁ ଆଳି ବ୍ଲକର ୧୯ଟି, ପଟ୍ଟାମୁଣ୍ଡାଇର ୩୬ଟି, ରାଜନଗରର ୮୫ଟି, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ୧ଟି, ଛାତ ଘରର କ୍ଷୟକ୍ଷତି ହୋଇଥିବା ବେଳେ ଆଳି ବ୍ଲକର ୧୩ଟି କଲଭଟ, ୨୩ଟି ଅଙ୍ଗନବାଡି କେନ୍ଦ୍ର, ୫୧ଟି ସ୍କୁଲ, ପଟ୍ଟାମୁଣ୍ଡାଇ ବ୍ଲକର ୧୭ଟି କଲଭଟ, ୧୧ଟି ଅଙ୍ଗନବାଡି କେନ୍ଦ୍ର, ୧୧ଟି ସ୍କୁଲ, ମହାକାଳପଡ଼ା ବ୍ଲକର ୧୦ଟି ପ୍ରାଥମିକ ବିଦ୍ୟାଳୟ, ରାଜନଗର ବ୍ଲକର ୧୦୦ଟି କଲଭଟ, ୫୦ଟି ପ୍ରାଥମିକ ବିଦ୍ୟାଳୟର କ୍ଷୟକ୍ଷତି ହୋଇଛି ବୋଲି ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟର ସୂଚନା ମିଳିଛି । ଆଳି ବ୍ଲକର ୧୫୫ଟି ଗ୍ରାମ୍ୟ ରାସ୍ତାର ପାଖାପାଖି ୨୫ କିଲୋମିଟର, ପଟ୍ଟାମୁଣ୍ଡାଇ ବ୍ଲକର ୧୧୬ଟି ରାସ୍ତାର ପ୍ରାୟ ୧୫ କିଲୋମିଟର, ମହାକାଳପଡ଼ା ବ୍ଲକର ଗ୍ରାମ୍ୟ ରାସ୍ତା ମଧ୍ୟରୁ ୫୨ କିଲୋମିଟର ରାସ୍ତା କ୍ଷୟକ୍ଷତି ହୋଇଛି ବୋଲି ପ୍ରାଥମିକ ରିପୋର୍ଟରେ ପ୍ରକାଶ ପାଇଛି ।

# ପ୍ରସ୍ତୁତ ହେବ ଅନୁମତି ନଥିବା ସ୍କୁଲ୍ ତାଲିକା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅନୁମତି ପାଇନଥିବା ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲଗୁଡ଼ିକ ବନ୍ଦ କରିବା ଲାଗି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ଯେଉଁସବୁ ସ୍କୁଲଗୁଡ଼ିକ ଅନୁମତି ପ୍ରଦାନ କରାଯାଇନାହିଁ ଉକ୍ତ ସ୍କୁଲ ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯିବ । ଏନେଇ ସବୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତାଲିକା ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି କ୍ରମରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ଅନୁମତି ପାଇନଥିବା ଘରୋଇ ଶିକ୍ଷାନୁଷ୍ଠାନର ତାଲିକା ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି । ଶିକ୍ଷାଧିକାର ଆଇନ୍-୨୦୦୯ ଅନୁସାରେ ଘରୋଇ ସ୍କୁଲର ଶିକ୍ଷାଦାନ ବ୍ୟବସ୍ଥା, ଭିତିଭୂମି, ରୋଷେଇ ଘର, ଖେଳ ପଡ଼ିଆ ଓ ଅଭିଜ୍ଞ ଶିକ୍ଷକ ଆଦି ଶୈକ୍ଷିକ ପରିବେଶ ସମ୍ପର୍କରେ ଯାଞ୍ଚ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯିବ । ଅନ୍ୟପଟେ ସରକାରଙ୍କ ଏହି ପଦକ୍ଷେପ ପରେ ଘରୋଇ ଶିକ୍ଷାନୁଷ୍ଠାନ ପରିଚାଳକଙ୍କ ଚିନ୍ତା ବଢ଼ିଛି । ଏହା ସହ ସହରରେ କେଉଁ ଘରୋଇ ଶିକ୍ଷାନୁଷ୍ଠାନକୁ କେତେ ଜମି ପ୍ରଦାନ କରାଯାଇଛି ଓ ସ୍କୁଲ ପିଲାଙ୍କ ଲାଗି ଆବଶ୍ୟକ ସୁବିଧା ଯଥା ପାଠାଗାର, ଖାଇବା ବ୍ୟବସ୍ଥା, ସାଇକେଲ୍ ଷ୍ଟାଣ୍ଡ, ଖେଳପଡ଼ିଆ ଓ ପାଚେରି ରହିଛି କି ନାହିଁ ତାହା ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଯାଞ୍ଚ କରିବେ ବୋଲି ଜଣାପଡ଼ିଛି । ଅନୁମତି ଥାଇ ମଧ୍ୟ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଉପରୋକ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ରଖିନଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ରହିଛି ।

# ଆଜି ବୌଦ୍ଧରେ ପଥୋତ୍ସବ ଓ ୱାକଥନ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଚଳିତ ମାସ ୨୯ ତାରିଖ ଦିନ ଜିଲ୍ଲା ସଦର ମହାକୁମାରେ ପଥଉତ୍ସବ ଓ ୱାକଥନ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଜିଲ୍ଲା ପାଠାଗାରରେ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ସ୍ୱସ୍ତିସ୍ନେହା ଶାସିନୀ, ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ - ପ୍ରଥମ, ଆର୍ଯ୍ୟ ନାରାୟଣ ଦେବ, ସେଣ୍ଟ ଜାଭିୟର୍ସ ସ୍କୁଲ ଏବଂ ପ୍ରିୟାନ୍ସୀ ପ୍ରତ୍ୟାଶା ନନ୍ଦ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ - ଦ୍ୱିତୀୟ ଏବଂ ଅନୁଶୟା ମହାକୁଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର - ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରରେ ଗଙ୍ଗାଧର ମୁନା, ଡାଏଟ, ବୌଦ୍ଧ - ପ୍ରଥମ, ଶ୍ରଦ୍ଧାଞ୍ଜଳି ସାହୁ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ଭବାନୀ ବେହେରା, ପୁରୁଣାକଟକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ -ଦ୍ୱିତୀୟ ଏବଂ ରଙ୍କିତା ଡାଙ୍ଗ, ପୂଜା ମେହେର, ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ - ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ଅର୍ପିତା ମେହେର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ - ପ୍ରଥମ, ପୂଜାରାଣୀ ସାହୁ, ପି. ଏମ. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ - ଦ୍ୱିତୀୟ, ଶୁଭଶ୍ରୀ ଗୁରୁ ଏବଂ ଦିବ୍ୟଜ୍ୟୋତି ମହାରଣା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେଢ଼େଲେଙ୍ଗା - ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଡ଼ଲି ସାହୁ -ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୌଦ୍ଧ -ପ୍ରଥମ, ସାବିତ୍ରୀ ରଣା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ - ଦ୍ୱିତୀୟ ଏବଂ ସ୍ୱସ୍ତି ମୟୀ ଗିରି, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଏବଂ କପିଳାସ ମେହେର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ - ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ସଭାପତି ଜିଲ୍ଲା ଉନ୍ନୟନ ପରିଷଦ ଚିତ୍ତରଞ୍ଜନ ଦାଶ, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର, ସହକାରୀ ଶିକ୍ଷକ ନବକିଶୋର ଦୀପ, ସାହିତ୍ୟିକ ରମେଶ ପ୍ରସାଦ ମେହେର ଏବଂ ନୀଳ ଲୋହିତ ମହାପାତ୍ର ଯୋଗଦେଇ ବିଚାରକ କାର୍ଯ୍ୟ ତୁଲାଇଥିଲେ । ଜିଲ୍ଲା ପାଠାଗାରରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ଏବଂ ମହାବିଦ୍ୟାଳୟ ସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଡେପୁଟି କଲେକ୍ଟର (ନିର୍ବାଚନ) ଶାଶ୍ୱତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହଙ୍କ ସଂଯୋଜନାରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୯ ତାରିଖରେ ପୁରସ୍କୃତ କରାଯିବ ।

## ||||||||||||| ଲଖନପୁର ବ୍ଲକ ନାଗରିକ ପରିଷଦ ସାଧାରଣ ବୈଠକ |||||||||||||

# ବର୍ଜ୍ୟଗୁଣ୍ଡ ପରିବହନ ବନ୍ଦ ନହେଲେ ଆନ୍ଦୋଳନ ନିଷ୍ପତ୍ତି

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**



ଲଖନପୁର ବ୍ଲକ ଭିକମପାଲି ସ୍ଥିତ ମା' ଘଟେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ନାଗରିକ ପରିଷଦ ଆହ୍ୱାନ କ୍ରମେ ଅଞ୍ଚଳବାସୀଙ୍କୁ ନେଇ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଲଖନପୁର ଜୋନ୍-୧ ଜିଲ୍ଲା ପରିଷଦ ସଭ୍ୟ ସନତ କୁମାର ସିଂହ ଅଧ୍ୟକ୍ଷତା କରିଥିବା ବେଳେ ନାଗରିକ ପରିଷଦ ସଭାପତି ପିତାମ୍ବର ମିଶ୍ର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସର୍ବ ପ୍ରଥମେ ମା' ଘଟେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରାରମ୍ଭରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ତତ୍କାଳୀନ ମୁରା-ଅମ୍ବାଭନା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ମକରଧ୍ୱଜ ପଧାନ ଏବଂ ଗୋବିନ୍ଦପୁର ଟୋଲ୍‌ଗେଟ୍ ନିକଟରେ ଟ୍ରକ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଗୋବିନ୍ଦପୁର ଗାଁର ଛାତ୍ର ଦିନେଶ ଖଡ଼ିଆଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ବୈଠକରେ ବିଶେଷ କରି ବିଭିନ୍ନ କଳ କାରଖାନାରୁ ନିର୍ଗତ ବର୍ଜ୍ୟଗୁଣ୍ଡକୁ ଶହ ଶହ ସଂଖ୍ୟକ ଭାରିଯାନ ଦ୍ୱାରା ପରିବହନ କରି ଲଖନପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଡମ୍ପିଂ କରାଯାଉଛି । ଫଳରେ ଅଞ୍ଚଳର ସ୍ୱାସ୍ଥ୍ୟକର ପରିବେଶ, ବିଶୁଦ୍ଧ ବାୟୁ ମଣ୍ଡଳ, ହୀରାକୁଦ ଜଳଭଣ୍ଡାର ଦୂଷିତ ହେବା ସହ ଧାନ, ପନିପରିବା ଆଦି ବିଭିନ୍ନ ପ୍ରକାର ଫସଲ ବିଶେଷ ଭାବେ ପ୍ରଭାବିତ ହେଉଛି । ଏହା ବ୍ୟତୀତ କନକତୋରା ଠାରୁ ୧୯ ଖଣ୍ଡ ମୌଜା ରେମତା ପଞ୍ଚାୟତ ଅନ୍ତର୍ଗତ ଚିଖିଲି ପର୍ଯ୍ୟନ୍ତ ଜିଲ୍ଲା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ନୂତନ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟକ ଭାରିଯାନ ଗୁଡ଼ିକ କ୍ଷମତା ଠାରୁ ଅଧିକ ମାଲ୍ ବୋଝେଇ କରି ଯାତାୟାତ କରୁଥିବା ଯୋଗୁଁ ଅଳ୍ପଦିନ ଭିତରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ଅନେକ ସଦସ୍ୟ ମତପ୍ରକାଶ କରିଥିଲେ । ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଉପଯୁକ୍ତ ପଦକ୍ଷେପ ନେବାକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିନଥିଲା । ଯାହାକୁ ନେଇ ଉପସ୍ଥିତ ସଦସ୍ୟ ମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏ ସମସ୍ତ ପ୍ରସ୍ତାବ ଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା ଏବଂ ଆସନ୍ତା ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଲଖନପୁର ବ୍ଲକ ଅଞ୍ଚଳକୁ କାରଖାନା ବର୍ଜ୍ୟଗୁଣ୍ଡ ପରିବହନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରାଯିବ । ଜିଲ୍ଲା ପ୍ରଶାସନ ଯଦି ସାତଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତାହେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ମାଁ ଘଟେଶ୍ୱରୀଙ୍କୁ ସାକ୍ଷୀ ରଖି ଶପଥ ପାଠ କରି ନିଷ୍ପତ୍ତି ନିଆଯାଇଥିବା ସଭାର ସଭାପତି ଶ୍ରୀ ସିଂହ ସୂଚନା ଦେଇଛନ୍ତି । ଏହି ଅବସରରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଭାରତୀୟ କମ୍ୟୁନିଟି ପାର୍ଟିର ବରିଷ୍ଠ ନେତା ରମେଶ ତ୍ରିପାଠୀ, ଯୁବନେତା ରାଧେଶ୍ୟାମ ପଧାନ, ସମାଜସେବୀ ବିରଞ୍ଚି ସାହୁ, ବରିଷ୍ଠ ସଦସ୍ୟ ଚକାନନ ସା, ଯୋଗେନ୍ଦ୍ର ମାଝୀ, ସନ୍ତୋଷ ବିଶ୍ୱାଳ ଯୋଗଦାନ କରି ଅଞ୍ଚଳବାସୀଙ୍କ ଏହି ପ୍ରମୁଖ ସମସ୍ୟା ଆନ୍ଦୋଳନକୁ ତାଙ୍କର ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଏହି ବୈଠକରେ ପିଥିଣ୍ଡା ସରପଞ୍ଚ ମହେନ୍ଦ୍ର ନାଏକ, କନକତୋରା ସରପଞ୍ଚ ସୁଶାନ୍ତ ଚଇନି, ଭିକମପାଲି ସରପଞ୍ଚ ପଦ୍ମିନୀ ସାହୁ, ଅତାବିରା ସରପଞ୍ଚ ସଞ୍ଜିତ ପଧାନ, ପଞ୍ଚଗାଁ ସରପଞ୍ଚ ମୁକେଶ ବାରିକ, ମଟିଦା ସରପଞ୍ଚ ସଂଯୁକ୍ତା ବେହେରା, ଜାମଗାଁ ସରପଞ୍ଚ ଗୋପୀନାଥ ସାଏ, ଚାରପାଲି ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ସୁନା, ସମାଜସେବୀ ପିଙ୍କୁ ମିଶ୍ର, ସେବକରାମ ଭୋଇ, ଦୟାକର ପଧାନ, ଜଗବନ୍ଧୁ ସା, ଯୋଗେନ୍ଦ୍ର ମାଝୀ, ପ୍ରଦୀପ ବିଶ୍ୱାଳ, ସୁପ୍ରୀତ ବେହେରା, ଭାସ୍କର ଗରଡିଆ, ପ୍ରମୋଦ ଗଡତିଆ, ସଞ୍ଜୟ ଭୋଇ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରେମାନନ୍ଦ ପଟେଲଙ୍କ ସମେତ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରାନ୍ତରୁ ବହୁ ଲୋକଙ୍କ ସମାଗମ ହୋଇଥିଲା ।

## ଆସୁଅଛି ଦୀପାବଳି:ରମ୍ଭା ଥାନା ଅଞ୍ଚଳରେ ଲାଇସେନ୍ସ ଅପେକ୍ଷାରେ ୧୨ଜଣ ବାଣ ଦୋକାନୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ନିକଟତର ହେଲାଣି ଦୀପାବଳି । ବାଣ ଦୋକାନୀ ମାନେ ଲାଇସେନ୍ସ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭିଡ଼ ଜମାଇଥିବା ଜଣାପଡିଛି । ଏବେ ସୁଧା ରମ୍ଭା ଥାନା ଅଞ୍ଚଳ ପରିସରଭୁକ୍ତ ୧୨ ଜଣ ଲାଇସେନ୍ସ ପାଇଁ ଆବେଦନ କରିସାରିଲେଣି । ଏତଦ୍ ବ୍ୟତୀତ ଆବେଦନକାରୀଙ୍କ ସଂଖ୍ୟା ବଢ଼ିବ ବୋଲି ଜଣାପଡିଛି । ସରକାରଙ୍କର ଗାଇଡ୍ ଲାଇନ୍ ପ୍ରକାରେ ଲାଇସେନ୍ସ ଦିଆଯିବ । ସେମାନେ ମନ ଇଚ୍ଛା ଦୋକାନ ଖୋଲିପାରିବେନାହିଁ । ପଡିଆ, ଫାଙ୍କା ସ୍ଥାନ, ବସ୍ତି ଠାରୁ ଦୂରତା, ଫାୟାର ଷ୍ଟେସନ, ଇଲେକ୍ଟ୍ରିକ୍ଲେରିକ ଫିକେସନ୍, ପୋଲିସ କେଶ୍ ଓ କ୍ୟାରେକ୍ଟ ଉପରେ ନଥିବ ସମେତ ଆନୁସାଙ୍ଗିକ ଉପରେ ତର୍ଜମା କରାଯାଇ ଅନୁମତି ପତ୍ର ଦିଆଯିବା ରହିଥିବା ରମ୍ଭା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟବ୍ରତ ଭୂତିଆଙ୍କ ଠାରୁ ପ୍ରକାଶ । ଦୀପାବଳି ରାତିରେ ପାଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରାଯିବ । ମଦୁଆଙ୍କ ଉପରେ ଅଧିକ ଦୃଷ୍ଟି ଦିଆଯିବ । ବେନିୟମ ବ୍ୟକ୍ତିମାନେ ଆଇନ୍ ବିରୋଧ କାର୍ଯ୍ୟ କରିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ କାର୍ଯ୍ୟନୁଷ୍ଠାନ ନେବ ବୋଲି ସୂଚନା ମିଳିଛି ।

# ବାତ୍ୟା 'ଦାନା'ର ସଫଳ ମୁକାବିଲା ପାଇଁ ସରକାରଙ୍କୁ ଧନ୍ୟବାଦଦେଲା ଆଠଗଡ଼ ଜନଜାଗରଣ ମଞ୍ଚ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**



ସାମୁଦ୍ରିକ ଝଡ଼କୁ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ସଫଳ ଭାବେ ମୁକାବିଲା କରାଯାଇଥିବାରୁ ସରକାର ତଥା ପ୍ରଶାସନକୁ ସାଧୁବାଦ ଦେଇଛି ଆଠଗଡ଼ ଜନ ଜାଗରଣ ମଞ୍ଚ । ବିଶେଷ କରି ବତ୍ୟା ଦାନାକୁ ନେଇ ପ୍ରଚାର ପ୍ରସାର ଏବଂ ଜନସାଧାରଣଙ୍କୁ ସଚେତନ କରାଇବାର ଗଣାମାଧ୍ୟମ ପ୍ରମୁଖ ଭୂମିକା ନେଇଥିବାରୁ ସରକାରଙ୍କ ପକ୍ଷରୁ ଗଣମାଧ୍ୟମକୁ ଧନ୍ୟବାଦ ଦିଆଯାଇଛି । ଏହାସହିତ ଜିଲ୍ଲାପାଳ ଦତାତ୍ରେୟ ଭାଉ ସାହେବ ସିନ୍ଦେ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟଅଧିକାରୀ, ଡା. ମକରନ୍ଦ ବେଉରା, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲ୍ଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ଆଠଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କେତନ ଚୌଧୁରୀ ଏବଂ ତିଗିରିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ବେହେରାଙ୍କ ପରିଚାଳନାରେ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧକ୍ଷ ଡା. ବିଜୟ କୁମାର ମିଶ୍ର ଏବଂ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ ଏବଂ ତିଗିରିଆ ଶିକ୍ଷାଧିକାରୀ ପ୍ରିୟ ରଞ୍ଜନ ହୋତାଙ୍କ ସମେତ ପୋଲିସ, ଫାୟାର ଏବଂ କୃଷି ବିଭାଗ ଓ ପଶୁ ସମ୍ପଦ ବିଭାଗର ଅଧିକାରୀ କର୍ମଚାରୀ ମାନଙ୍କ ସହଯୋଗରେ ବାତ୍ୟାର ସଫଳ ମୁକାବିଲା ହୋଇପାରିଛି ଏବଂ ଏଥିରେ କୌଣସି ଜନଜୀବନ ନଷ୍ଟ ହୋଇନାହିଁ । ବାତ୍ୟାର ମୁକାବିଲା ନିମନ୍ତେ ନିର୍ବାଚନ ମଣ୍ଡଳୀର ୧୦୦ରୁ ଉର୍ଦ୍ଧ୍ୱ ବାତ୍ୟା ଆଶ୍ରୟସ୍ଥଳୀ ମାନ ଖୋଲାଯାଇଥିଲା । ବିଶେଷ କରି ଆଠଗଡ ତିଗିରିଆ ବ୍ଲକର ସମସ୍ତ ବିଦ୍ୟାଳୟକୁ ଖୋଲା ରଖାଯାଇ ସମସ୍ତ ଶିକ୍ଷକଙ୍କୁ ଏଥିରେ ୨୪ ଘଣ୍ଟିଆ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ଏବଂ ଏହାକୁ ଶିକ୍ଷାଧିକାରୀ ଏବଂ ସହ ଶିକ୍ଷାଧିକାରୀ ଓ ସମସ୍ତ ସିଆରସିସି ମାନେ ତଦାରଖ କରିଥିଲେ । ସେହିଭଳି ପଞ୍ଚାତରାଜ ବିଭାଗର ସମସ୍ତ କର୍ମଚାରୀ ମାନଙ୍କୁ ପ୍ରତି ଆଶ୍ରୟସ୍ଥଳୀ ମାନଙ୍କର ଦାୟିତ୍ୱ ଦିଆଯାଇଥିଲା ଏବଂ ସେମାନଙ୍କୁ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ମାନେ ସହଯୋଗ ଦେଇଥିଲେ । ଏହାସହିତ ସମସ୍ତ ଜିଲ୍ଲାପରିଷଦ ପ୍ରତିନିଧି ଏବଂ ପଞ୍ଚାୟତ ପ୍ରତିନିଧିମାନେ ଅସୁବିଧାରେ ଥିବା ଲୋକ ମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଆଣିବା ଏବଂ ସେମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରିଥିବାର ଦେଖାଯାଇଥିଲା । ବତ୍ୟା ଆଶ୍ରୟସ୍ଥଳୀରେ ସଠିକ୍ ଭାବେ ଲୋକମାନେ ରହିଲେ କି ନାହିଁ ଏହାକୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ତାଦାରଖ ମଧ୍ୟ କରାଯାଇଛି । ଏହି କ୍ରମରେ ତିଗିରିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ବେହେରା ସହକାରୀ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଛାୟତ ଏବଂ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାଧିକାରୀ ଶ୍ରୀ ହୋତା ସହଶିକ୍ଷାଧିକରୀ ମାଧବ ଚନ୍ଦ୍ର ଦେଉରୀ ଏବଂ ସିଆର୍‌ସିସି ଚନ୍ଦ୍ରକାନ୍ତ ମିଶ୍ରଙ୍କ ସମେତ ଯନ୍ତ୍ରୀ ଅଶୋକ ନନ୍ଦ ସମସ୍ତ ଅଧିକାରୀ ସିଆର୍‌ସସି ମାନେ ମିଳିତ ଭାବେ ସମସ୍ତ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀ ମାନ ବୁଲି ଦେଖିବା ସହିତ ଶରଣାର୍ଥୀଙ୍କର ସାଧାରଣ ଆବଶ୍ୟକ ପଚାରି ବୁଝି ପୁରାକରିବାର ଦେଖାଯାଇଥିଲା । ଖବର ନେବାରେ ଜଣାଯାଏ ବାତ୍ୟା ଆଶ୍ରୟସ୍ଥଳୀକୁ ଆଠଗଡ ବ୍ଲକ ଏବଂ ତିଗିରିଆ ବ୍ଲକରେ ୫ ହଜରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅଣାଯାଇ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି । ସରକରଙ୍କ ଜିରୋ କାଜୁୟାଲିଟିରେ ନିର୍ଦ୍ଦେଶ ଅନୁଯାୟୀ ୪୪ ଜଣ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ସ୍ଥାନନ୍ତରଣ କରାଯାଇଥିଲା ଏବଂ ଉପଖଣ୍ଡ ଚିକିତ୍ସାଳୟର ଅଧକ୍ଷ ଡା. ମିଶ୍ରଙ୍କ ଅଧକ୍ଷତାରେ ଏକ ଡାକ୍ତରୀ ଦଳ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ୨୪ ଘଣ୍ଟିଆ ନଜର ରଖିଥିଲେ । ଏ ସମସ୍ତ କାର୍ଯ୍ୟକୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ବ୍ଲକର ଅଧକ୍ଷ ଓ ତାଙ୍କର ଏକ ଦଳ ଏବଂ ବିଜୁ ଜନତା ଦଳ ଏକ ଟିମ୍ ନିର୍ବାଚନ ମଣ୍ଡଳୀର ସମସ୍ତ ଅଞ୍ଚଳ ବୁଲି ତଦାରଖ କରୁଥିଲେ । ସେହିଭଳି ସରକାରୀ ଦଳ ଭାଜପା ପକ୍ଷରୁ ଦଳର ବରିଷ୍ଠ ନେତା ଅଭୟ କୁମାର ବାରିକଙ୍କ ନେତୃତ୍ୱରେ ଏକ ଦଳ ଜିଲ୍ଲା ଉନ୍ନୟନ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ବାତ୍ୟା ଜନିତ ସମସ୍ତ ପ୍ରସଙ୍ଗରେ ଆଲୋଚନା କରି ସମସ୍ତ ଅଞ୍ଚଳ ବୁଲିବା ସହିତ ବାତ୍ୟାଆଶ୍ରୟସ୍ଥଳୀ ମାନଙ୍କରେ ରହିଥିବା ଲୋକଙ୍କ ସୁଖ ଦୁଃଖ ପଚାରି ବୁଝି ସେମାନଙ୍କର ସାଧାରଣ ଆବଶ୍ୟକ ପୁରଣ କରାଉଥିଲେ । ଶ୍ରୀ ବାରିକଙ୍କ ସହିତ ଦଳର ଅନ୍ୟତମ ନେତା ଜଗଦାନନ୍ଦ ତ୍ରିପାଠୀ, ଶଙ୍କର୍ଷଣ ମହାନ୍ତି, ସାଂସଦ ପ୍ରତିନିଧି ସରୋଜ ଦାସ, ତିଗିରିଆ ସୋମପଡା ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ବୁଲି ଦେଖିଥିଲେ ।

# ଜଗତସିଂହପୁର ଜିଲ୍ଲାରେ ବର୍ଷା ଜାରି:ବନ୍ୟା ଆଶଙ୍କା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସାମୁଦ୍ରିକ ବାତ୍ୟା 'ଦାନା' ପ୍ରଭାବରେ ଜିଲ୍ଲାରେ ବର୍ଷା ଲାଗିରହିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଇଛି । ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ (୦୬୭୨୪-୨୨୦୩୬୮) ଖୋଲାଯାଇ ଲୋକମାନଙ୍କୁ ସତର୍କ କରଯାଇଛି । ଜିଲ୍ଲା ଜରୁରୀ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାରେ ବାତ୍ୟା ଦାନାର ପ୍ରଭାବରେ ସେପରି କୌଣସି କ୍ଷୟକ୍ଷତି ହୋଇନାହିଁ । ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲାରେ ବିଭିନ୍ନ ବ୍ଲକ୍ ତଥା ପୌରାଞ୍ଚଳରେ ସ୍ଥାନାନ୍ତରିତ ହୋଇଥିବା ୪୧୧୬୭ ଜଣ ବ୍ୟକ୍ତି ନିଜ ନିଜ ଘରକୁ ଫେରିଯାଇଛନ୍ତି । ଜିଲ୍ଲାପାଳ ଲୋକମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ସମସ୍ତ ବ୍ଲକ୍ ତଥା ପୌରପରିଷଦ ଅଧିକାରୀ ମାନଙ୍କ ଠାରୁ ପଚାରି ବୁଝିବା ସହ ଯେଉଁମାନଙ୍କର କଚ୍ଚା ଘର, କିମ୍ବା ଘରର ଅବସ୍ଥା ଠିକ୍ ନାହିଁ ସେମାନଙ୍କୁ ଆଶ୍ରୟସ୍ଥଳୀରୁ ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ମାନଙ୍କ ଟିମ୍ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକତା ଥିବା ଲୋକମାନଙ୍କୁ ପଲିଥିନ୍ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ମୋଟ୍ ୨୪୧.୭୮ କ୍ୱିଣ୍ଟାଲ ଚୁଡ଼ା ଓ ୪୧.୬୬ କ୍ୱିଣ୍ଟାଲ ଗୁଡ଼ ଯୋଗାଇ ଦିଆଯାଇଥିବାର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରକାଶଥାଉକି, ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ତଥା କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ, କୃଷି ବିଭାଗ ନିର୍ଦ୍ଦେଶକ ସମସ୍ତ ବାତ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା କୃଷି ଅଧିକାରୀ ମାନଙ୍କ ସହ ଆଭାସୀ ମାଧ୍ୟମରେ ଜିଲ୍ଲାରେ କୃଷିର କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲାରେ ବାତ୍ୟା ଦାନାର ପ୍ରଭାବରେ କୌଣସି ଚାଷ ଜମି ନଷ୍ଟ ହୋଇନାହିଁ । କୁଜଂଗ ଓ ତିର୍ତ୍ତୋଲରେ କିଛି ଚାଷ ଜମିରେ ଜମିଥିବା ପାଣି ଗଡିଯାଇଥିବାର କୃଷି ଅଧିକାରୀ ସୂଚନା ଦେଇଥିଲେ । ସେହିପରି ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ ପକ୍ଷରୁ ମଧ୍ୟ ବାତ୍ୟା ଜନିତ କ୍ଷୟକ୍ଷତି ଶୂନ୍ୟ ବୋଲି ସୂଚନା ମିଳିଛି । କୌଣସି ଲୋକ ମୃତାହତ ହୋଇନଥିବା ବେଳେ ପାରାଦ୍ୱୀପ ପୌରାଞ୍ଚଳ ଓ କୁଜଙ୍ଗରେ କିଛି ସ୍ଥାନରେ ଭାଙ୍ଗି ଯାଇଥିବା ଗଛ ଓଡ୍ରାଫ୍ ଏନ୍‌ଡିଆରଏଫ୍ ଅଗ୍ନିଶମ ବିଭାଗ ଦ୍ୱାରା କାଟି ରାସ୍ତା ପରିଷ୍କାର କରଯାଇଥିବା ବେଳେ ବାତ୍ୟା ପ୍ରଭାବରେ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇନଥିବାର ସୂଚନା ମିଳିଛି । ଜରୁରୀ ବିଭାଗ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ ସନ୍ଧ୍ୟାରୁ ଦିନ ୩ଟା ପର୍ଯ୍ୟନ୍ତ ବାତ୍ୟା ପ୍ରଭାବରେ ଜିଲ୍ଲାରେ ବର୍ଷାର ପରିମାଣ ୨୫୪.୩ ମିମି ରହିଥିଲା । କୁଜଙ୍ଗ ବ୍ଲକ୍‌ରେ ସର୍ବାଧିକ ୬୨ ମି.ମି. ବର୍ଷା ହୋଇଥିବାବେଳେ ସବୁଠୁ କମ୍ ନାଉଗାଁ ବ୍ଲକ୍‌ରେ ୮ ମି.ମି., ବର୍ଷା ହୋଇଛି । ଅନ୍ୟ ବ୍ଲକ୍ ଗୁଡ଼ିକରେ ଯଥାକ୍ରମେ ବାଲିକୁଦା ୩୫ ମି.ମି, ଏରସମା ୩୩ ମି.ମି., ରଘୁନାଥପୁର ୩୨ମି.ମି, ତିର୍ତ୍ତୋଲ ୨୫ ମି.ମି, ଜଗତସିଂହପୁର ୨୪ ମି.ମି, ବିରିଡି ୨୧ ମି.ମି. ଏବଂ ପାରାଦ୍ୱୀପ ମ୍ୟୁନିସ୍‌ପାଲିଟି ୧୪.୩ ମି.ମି. ବର୍ଷା ହୋଇଛି । ଜିଲ୍ଲାର ହାରାହାରି ବର୍ଷା ୨୮.୨୫ ମି.ମି. ରହିଛି ।

## ଧର୍ମପରାୟଣା ମହିଳାଙ୍କ ବିୟୋଗରେ ସାଧାରଣରେ ଶୋକ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଧର୍ମ ପରାୟଣ ମହିଳା କୁମୁଦୁନି ସାହୁଙ୍କ ପରଲୋକ ଗମନରେ ସାଧାରଣରେ ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ କୁମୁଦୁନି ସାହୁ ଜଣେ ଧର୍ମପରାୟଣ ସହିତ ସମାଜସେବୀ ରହିଥିଲେ । ସେ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହେବା ସହିତ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ଏବଂ ସେହିଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ ନିଳାଦ୍ରୀ ସାହୁଙ୍କର ଧର୍ମପତ୍ନୀ ଏବଂ ମୃତ୍ୟୁ ବେଳକ ତାଙ୍କ ପାଖରେ ତାଙ୍କର ଦୁଇ ପୁଅ, ବୋହୂ ଏବଂ ନାତିନାତୁଣି ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷ କୃତ କରାଯାଇଥିଲା । ବଡ ପୁଅ ଗୋପବନ୍ଧୁ ସାହୁ ମୁଖାଗ୍ନୀ ଦେଇଥିଲେ । ସାମୁଦ୍ରିକ ଝଡ଼ 'ଦାନା'ର ସଫଳ ମୁକାବିଲା ପାଇଁ ସରକାରଙ୍କୁ ସାଧୁବାଦ ଦେଲା ଆଠଗଡ ଜନ ଜାଗରଣ ମଞ୍ଚ ।

## ବାତ୍ୟା ବେଳେ କାର୍ଯ୍ୟରତ ଡାକ୍ତର ସର୍ପାଘାତରେ ଗୁରୁତର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ବାତ୍ୟା ଦାନା ପାଇଁ ଚିକିତ୍ସା କରିବାକୁ ଆସିଥିବା ଜଣେ ଡାକ୍ତର ସାପ କାମୁଡିବାରେ ଆହତ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଭୁବନେଶ୍ୱର ୪ନମ୍ବର ୟୁନିଟ୍ ଚିକିତ୍ସାଳୟର ମେଡିକାଲ୍ ଅଫିସର ଡାକ୍ତର ବବୁଲ ମହାନ୍ତି ବାତ୍ୟା ଦାନା ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଡେପୁଟେସନ୍‌ରେ ମହାକାଳପଡା ବାବର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ । ସେଠାରେ ବାତ୍ୟା ସମୟରେ ଚିକିତ୍ସା ପାଇଁ ଗ୍ରାମରେ ପାଣି ଭିତରେ ପଶି ଯାଉଥିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡିବାରୁ ଡାକ୍ତର ମହାନ୍ତି ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କୁ ୧୦ଟି ଆଣ୍ଟିଭେନସ୍ (ଏଏସ୍‌ଭି) ଦିଆଯିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବାରୁ ତାଙ୍କର ଅଧିକ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ୍ କଲେଜକୁ ସ୍ଥାନାନ୍ତରିତ କରାଯିବାର ସୂଚନା ମିଳିଛି ।

# ଆଇଆଇଏମ୍ ସମ୍ବଲପୁରର ବାର୍ଷିକ ବିଜନେସ୍ କନ୍‌କ୍ଲେଭ୍ 'ମାର୍ମାଗ୍ୟା ୯.୦' ଅବସରରେ ଇନ୍‌କ୍ୟୁବେସନ୍ କାର୍ଯ୍ୟକ୍ରମରେ ୩୦ଟି ଷ୍ଟାର୍ଟଅପ୍ ସାମିଲ୍

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**




ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁର ଏହାର କ୍ୟାମ୍ପସ୍‌ରେ ଭାରତୀୟ ଶିଳ୍ପ ମହାସଂଘ ସହଯୋଗରେ ବାର୍ଷିକ ବିଜନେସ୍ କନ୍‌କ୍ଲେଭ୍ 'ମାର୍ମାଗ୍ୟା ୯.୦'ର ଉଦ୍‌ଘାଟନୀ ସମାରୋହରେ ୩୦ଟି ଷ୍ଟାର୍ଟଅପ୍‌କୁ ନିୟୋଜିତ କରିଛି । ଏହି କନକ୍ଲେଭ୍‌ର ବିଷୟବସ୍ତୁ ଥିଲା (ରି) ଡିଫାଇନିଂ:ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ଫର୍ ବିଜନେସ୍ ଏକ୍ସଲେନ୍ସ' । ଏହାର ଉଦ୍ଦେଶ୍ୟ ହେଉଛି ଶିଳ୍ପ ଲିଡର୍ ଓ ଶିକ୍ଷାବିତ ମାନଙ୍କୁ ଏକାଠି କରି ଉଦୀୟମାନ ବ୍ୟବସାୟିକ ଧାରା ଏବଂ ଆହ୍ୱାନ ଉପରେ ବୁଝାମଣାମୂଳକ ଆଲୋଚନାରେ ସାମିଲ୍ କରିବା । ଏହି ସମ୍ମିଳନୀରେ ସି-ସୁଇଟ୍:ପାର୍ଟନରସିପ୍-ଡ୍ରିଭେନ୍ ଲିଡରସିପ୍ ଫର୍ ବିଲ୍ଡିଂ-ଇମ୍ପେକ୍ଟ ପରଫମାନ୍ସ, 'ଆଇଟି ଆଣ୍ଡ କନ୍‌ସଲଟିଂ:ଟେକ୍ନୋ ଫ୍ୟୁଜନ-ହ୍ୟୁମାନ୍-ମେସିନ୍ କୋଲାବୋରେସନ୍, 'ଫାଇନାନ୍ସ:ଇନୋଭେଟିଭ୍ ଫାଇନାନ୍ସ-ଷ୍ଟ୍ରାଟେଜିକ୍ ଆଲାଏନ୍ସ ମାଧ୍ୟମରେ ନ୍ୟୁ ହରାଇଜନ୍ସ', "ମାର୍କେଟିଂ: ପାୱାର ଅଫ୍ କୋ-ବ୍ରାଣ୍ଡିଂ- କ୍ରିଏଟିଭ୍ ଭାଲ୍ୟୁ ପ୍ରପୋଜିସନ୍, 'ଅପରେସନ୍:ଷ୍ଟ୍ରାଟେଜିକ୍ ଆଲାଏନ୍ସ ମାଧ୍ୟମରେ ଅପରେସନ୍ ଏକ୍ସଲେନ୍ସ' ଏବଂ ଏଚ୍‌ଆର, ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ମାଧ୍ୟମରେ ନିଯୁକ୍ତି ବ୍ରାଣ୍ଡିଂ ଆଦି ଆଲୋଚନାରେ ୩୫ ଜଣ ଶୀର୍ଷ ଶିଳ୍ପ ଲିଡର୍ ଯୋଗ ଦେଇଥିଲେ । ଆଇଆଇଏମ୍ ସମ୍ବଲପୁରର ଆଇହବ୍-ଇନ୍‌କ୍ୟୁବେସନ୍ ସେଣ୍ଟରର ପ୍ରଥମ କାର୍ଯ୍ୟକ୍ରମ ଇନ୍‌କ୍ୟୁବେସନ୍ ଆଣ୍ଡ ଏକ୍ସଲେରେସନ୍ ପ୍ରୋଗ୍ରାମ୍ ୨୦୨୪-୨୫ ଅଧୀନରେ ୭୦ଟି ଆବେଦନ ମଧ୍ୟରୁ ୩୦ଟି ଷ୍ଟାର୍ଟଅପ୍‌କୁ ପରାମର୍ଶ, ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ସହାୟତା ପାଇଁ ନିୟୋଜିତ କରାଯାଇଛି । ସେଥିରୁ ୧୯ଟି ଷ୍ଟାର୍ଟଅପ୍ ଓଡ଼ିଶାର ରହିଛନ୍ତି । ମନୋନୀତ ହସ୍ତତନ୍ତ ଷ୍ଟାର୍ଟଅପ୍ ଗୁଡ଼ିକ ମଧ୍ୟରେ ବରଗଡ଼ର ସୁକାନ୍ତି ମେହେରଙ୍କ ଦ୍ୱାରା ପ୍ରତିଷ୍ଠିତ ସୁକାନ୍ତି ହସ୍ତତନ୍ତ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମହିଳାଙ୍କ ପାଇଁ ସାନିଟାରି ପ୍ୟାଡ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଥିବା ପ୍ରଶାନ୍ତ ଏଣ୍ଟରପ୍ରାଇଜ୍ ଝାରସୁଗୁଡ଼ାର ପାୟଲ୍ ପଟେଲ୍‌ଙ୍କ ନେତୃତ୍ୱରେ ରହିଛି । ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହିତ ମେକ୍ ଇନ୍ ଇଣ୍ଡିଆ ଏବଂ ଜାତୀୟ ଶିଳ୍ପ କରିଡର୍ ବିକାଶ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଦ୍ୱାରା ପରିଚାଳିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଛି । ବିଶ୍ୱବ୍ୟାପି ବ୍ୟବସାୟୀମାନେ ପରିବର୍ତ୍ତନର ମୁକାବିଲା କରିବା, ଯୋଗାଣ ଶୃଙ୍ଖଳା ବିଭ୍ରାଟକୁ ପରିଚାଳନା କରିବା ଏବଂ ବୈଷୟିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସହଯୋଗିତା ଗଠନ କରୁଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ରଣନୈତିକ ମେଣ୍ଟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, 'ବ୍ୟବସାୟରେ କେହି ଶତ୍ରୁ ନୁହନ୍ତି, ବିଶ୍ୱର ବଡ଼ ବଡ଼ କମ୍ପାନୀମାନେ ପରସ୍ପର ସହ ସହଯୋଗିତା କରିଛନ୍ତି । ଚଳିତ ବର୍ଷର 'ମାର୍ମାଗ୍ୟ'ର ବିଷୟବସ୍ତୁ ହେଉଛି 'ବିଜନେସ୍ ଏକ୍ସଲେନ୍ସ ପାଇଁ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍' ଯାହା ଅର୍ଥନୈତିକ ଅଭିବୃଦ୍ଧିର ସାର ଏବଂ ବିଶ୍ୱ ଅର୍ଥନୀତିରେ ଭାରତର ଅବଦାନ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଉଦ୍‌ଘାଟନୀ ଅଧିବେଶନରେ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ୩୦ଷ୍ଟାର୍ଟଅପ୍‌କୁ ସେ ସ୍ୱାଗତ କରିଥିଲେ ।' ମୁଖ୍ୟ ଅତିଥି ଭାବେ ଜେକେ ଅର୍ଗାନାଇଜେସନ୍‌ର ଗ୍ରୁପ୍ ଏଚ୍‌ଆର, ଏନ୍‌ଏଚ୍‌ଆର୍‌ଡିର ଜାତୀୟ ସଭାପତି, ପ୍ରେମ ସିଂହ କହିଛନ୍ତି, 'ରଣନୈତିକ ଭାଗିଦାରୀ ହେଉଛି ଯେକୌଣସି ଆଧୁନିକ ବ୍ୟବସାୟ ମଡେଲର ମୂଳଦୁଆ । ଏହି ଭାଗିଦାରୀ ସଂସ୍ଥାଗୁଡ଼ିକୁ ପରସ୍ପରର ଶକ୍ତି, ପାରସ୍ପରିକ ମୂଲ୍ୟ ସୃଷ୍ଟି ଏବଂ ଅଭିନବତାର ସଂଗ୍ରହକୁ ଉପଯୋଗ କରିବାକୁ ସକ୍ଷମ କରିବ । ଆଜିର ପରସ୍ପର ଉପରେ ନିର୍ଭରଶୀଳ ଏବଂ ପରସ୍ପର ସହ ଜଡ଼ିତ ଦୁନିଆରେ, ଏହି ମଜଭୁତ୍ ମେଣ୍ଟ ସମୃଦ୍ଧ ହେବା କିମ୍ବା କେବଳ ବଞ୍ଚିବା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରୁଛି । ମାତ୍ର କିଛି ବର୍ଷ ମଧ୍ୟରେ ଏହାର ଜିଡିପି ୧ ଟ୍ରିଲିୟନ୍ ଡଲାର ବୃଦ୍ଧି ପାଇଥିବାରୁ ଭାରତୀୟ ଅର୍ଥନୀତି ଅତ୍ୟନ୍ତ ସ୍ଥିରତା ଏବଂ ଅଭିବୃଦ୍ଧି ପ୍ରଦର୍ଶନ କରିଛି । ୨୦୫୦ ବେଳକୁ ଏହା ୭ ଗୁଣ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏହି ବୈଷୟିକ ଅଭିବୃଦ୍ଧି ଯୁବ ଜନସଂଖ୍ୟା ତଥା ପ୍ରଯୁକ୍ତି ପିଢ଼ି ଏବଂ ଉଦ୍ୟୋଗୀ ମନୋଭାବ ବୃଦ୍ଧି ଦ୍ୱାରା ପରିଚାଳିତ ହୋଇଛି ।' ଏହି କାର୍ଯ୍ୟକ୍ରମରେ ତାଜ୍ ହୋଟେଲ୍‌ର ଆସୋସିଏଟ୍ ଡାଇରେକ୍ଟର ଅଫ୍ ସେଲ୍‌ସ୍, ଗୌରି କାଲରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଲାଇଭସ୍ପିଚ୍‌ର ପରିଚାଳନା ନିର୍ଦ୍ଦେଶକ ଅବିନାଶ ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମାର୍ମାଗ୍ୟା ଅଧକ୍ଷା ପ୍ରଫେସର ଶିଖା ଭରଦ୍ୱାଜ ଧନ୍ୟବାଦ ଅର୍ପଣ କରିଥିଲେ ।



# ମା' ତାରିଣୀଙ୍କ ଆଶୀର୍ବାଦ ଲୋଡ଼ିଲେ ଯୋଗାଣ ମନ୍ତ୍ରୀ

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦୁଝର ଗସ୍ତ ଅବସରରେ ଘଟଗାଁ ଆସି ମା' ତାରିଣୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ । ଏହି ଅବସରରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବରିଷ୍ଠ ବିଜେପି ନେତା ଶମ୍ଭୁନାଥ ରାଉତ, ରାଜେନ୍ଦ୍ର କୁମାର ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଅଖିଳ ପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂହ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂହ, ମଣ୍ଡଳ ସଭାପତି ରବି ନାରାୟଣ ଦେହୁରୀ, ବିଜେପି ନେତା ରୁଦ୍ର ନାରାୟଣ ବେହେରା, ସତ୍ୟମ ଦେହୁରୀ, ଗୋଲକ ବଳ, ମକରଧ୍ୱଜ ବେହେରା, ରାମଚନ୍ଦ୍ର ସାହୁ, ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଅନ୍ନପୂର୍ଣ୍ଣା ଦେହୁରୀ, ରିମାଲତା ନାଏକ, ପାର୍ବତୀ, ଅଜୟ ପାଣିଗ୍ରାହୀ, ଉତ୍ତମ ପ୍ରଧାନ, କାର୍ତ୍ତିକ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସିଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ**




ଲାଇଭ ଚେସ୍ ରେଟିଙ୍ଗରେ ୨୮୦୦ ମାର୍କ ଅତିକ୍ରମ କରିଥିବାରୁ ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦି ମଧ୍ୟ ତାଙ୍କର ଅସାଧାରଣ ଦକ୍ଷତା ଏବଂ ଦୃଢ଼ତା ଭାରତକୁ ଗର୍ବିତ କରିଥିବାରୁ ତାହାକୁ ପ୍ରଶଂସା କରିବା ସହ ଏହା ଅନେକ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି: "ଲାଇଭ ଚେସ୍ ରେଟିଙ୍ଗରେ ୨୮୦୦ ମାର୍କ ଅତିକ୍ରମ କରିଥିବାରୁ ଅର୍ଜୁନ ଏରିଗାଇସିଙ୍କୁ ଶୁଭେଚ୍ଛା ! ଏହା ଏକ ଅଭୂତପୂର୍ବ ସଫଳତା । ତାଙ୍କର ଅସାଧାରଣ ଦକ୍ଷତା ଏବଂ ଦୃଢ଼ତା ଆମର ସମଗ୍ର ରାଷ୍ଟ୍ରକୁ ଗର୍ବିତ କରିଛି । ଏହା ମଧ୍ୟ ବ୍ୟକ୍ତିଗତ ଭାବେ ଏକ ମାଇଲଖୁଣ୍ଟ । ଏହା ମଧ୍ୟ ଅନେକ ଯୁବ ପିଢ଼ିଙ୍କୁ ଚେସ୍ ଖେଳିବା ସହିତ ବିଶ୍ୱ ମଞ୍ଚରେ ସଫଳ ହେବାକୁ ପ୍ରେରଣା ଯୋଗାଇବ । ଭବିଷ୍ୟତର ସଫଳତା ପାଇଁ ତାଙ୍କୁ ବହୁତ ବହୁତ ଶୁଭେଚ୍ଛା ।"

# ଦକ୍ଷିଣ ଆଫ୍ରିକା ଗସ୍ତରେ ଗମ୍ଭୀରଙ୍କ ସ୍ଥାନ ନେବେ ଭିଭିଏସ୍ ଲକ୍ଷ୍ମଣ

**ନୂଆଦିଲ୍ଲୀ**

ନଭେମ୍ବର ୮ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଅଭିଯାନ ଆରମ୍ଭ କରିବ ଭାରତ । ତେବେ ଏହି ସିରିଜ୍ ପାଇଁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଦଳ ସହ ଦକ୍ଷିଣ ଆଫ୍ରିକା ଗସ୍ତ କରିବେ ନାହିଁ । ତାଙ୍କ ସ୍ଥାନରେ ଭିଭିଏସ୍ ଲକ୍ଷ୍ମଣ ଏହି ସିରିଜରେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ । ବାସ୍ତବରେ ବର୍ଡର ଗାଭାସ୍କର ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଦଳ ସହିତ ଅଷ୍ଟ୍ରେଲିଆ ଗସ୍ତ କରିବେ ଗମ୍ଭୀର । ସେଥିପାଇଁ ଦକ୍ଷିଣ ଆଫ୍ରିକା ଯାଉଥିବା ଦଳରେ ଗମ୍ଭୀରଙ୍କ ସ୍ଥାନରେ ଲକ୍ଷ୍ମଣଙ୍କୁ ଗୁରୁଦାୟିତ୍ୱ ମିଳିଛି ।

ଦକ୍ଷିଣ ଆଫ୍ରିକାରେ ଭାରତ ଯଥାକ୍ରମେ ୮, ୧୦, ୧୩ ଏବଂ ୧୫ ନଭେମ୍ବରରେ ଡର୍ବାନ୍, ଗାବେରା, ସେଞ୍ଚୁରିଅନ୍ ଏବଂ ଜୋହାନ୍ସବର୍ଗରେ ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିବ । ଏହି ମ୍ୟାଚଗୁଡିକର କାର୍ଯ୍ୟସୂଚୀ ପରେ ସ୍ଥିର କରାଯାଇଥିଲା, ଯେଉଁଥିପାଇଁ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏହି ଯାତ୍ରା ପାଇଁ






ଉପଲବ୍ଧ ହେବେ ନାହିଁ । କାରଣ ଭାରତର ଟେଷ୍ଟ ଦଳ ୧୦ କିମ୍ବା ୧୧ ନଭେମ୍ବରରେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବ । ଟେଷ୍ଟ ଦଳ ସହ ଅଷ୍ଟ୍ରେଲିଆ ଗସ୍ତ କରିବେ ଗମ୍ଭୀର ।

ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ୍ ଏକାଡେମୀ (ଏନସିଏ)ରେ କାର୍ଯ୍ୟ କରୁଥିବା ସହଯୋଗୀ ଷ୍ଟାଫ୍ ଅନ୍ୟ କୋଚ୍ ଲକ୍ଷ୍ମଣଙ୍କ ସହ ଦକ୍ଷିଣ ଆଫ୍ରିକା ଗସ୍ତ କରିବେ । ଅକ୍ଟୋବର ୨୫ (ଶୁକ୍ରବାର) ବୋର୍ଡ ଅଫ୍ କଣ୍ଟ୍ରୋଲ୍ ଫର୍ କ୍ରିକେଟ୍ ଅଫ୍ ଇଣ୍ଡିଆ (ବିସିସିଆଇ) ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୧୫ ଜଣିଆ ଦଳ ଘୋଷଣା କରିଛି ।

# ପୁଣି ଡବଲ ଟନ୍ ହାସଲ କଲେ ୩ ଇଡିୟଟ୍ ଫିଲ୍ମ ପ୍ରଯୋଜକଙ୍କ ପୁଅ ଅଗ୍ନି

**ନୂଆଦିଲ୍ଲୀ**



ସୁପର ହିଟ୍ ବଲିଉଡ୍ ଫିଲ୍ମ ୩ ଇଡିୟଟ୍ର ପ୍ରଯୋଜକ ବିଧୁ ବିନୋଦ ଚୋପ୍ରାଙ୍କ ପୁଅ ଅଗ୍ନି ରଣଜୀ ଟ୍ରଫିରେ ନିଜ ଜଲୱା ଜାରି ରଖିଛନ୍ତି । ସେ ମିଜୋରାମ ପାଇଁ ରଣଜୀ ମୁକାବିଲାରେ ପୁଣି ଗୋଟିଏ ଡବଲ ଟନ୍ ହାସଲ କରିଛନ୍ତି । ଏହା ତାଙ୍କ କ୍ରିକେଟର କ୍ୟାରିୟରର କ୍ରମାଗତ ଦ୍ୱିତୀୟ ଡବଲ ସେଞ୍ଚୁରୀ । ସେ ମଣିପୁର ବିପକ୍ଷରେ ୨୬୯ ବଲରେ ୨୧୮ ରନର ଇନିଂସ ଖେଳିଛନ୍ତି । ତାଙ୍କ ଡବଲ ଟନ ବଳରେ ମିଜୋରାମ ତା'ର ପ୍ରଥମ ଇନିଂସରେ ବିଶାଳ ୫୩୬ ରନ କରିଛି ।

ଅରୁଣାଚଳ ପ୍ରଦେଶ ବିପକ୍ଷରେ ଅଗ୍ନି ପ୍ରଥମ ଇନିଂସରେ ୧୧୦ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୨୩୮ ରନର ଇନିଂସ ଖେଳିଥିଲେ । ମିଜୋରାମ ଏହି ମ୍ୟାଚ୍କୁ ୨୬୭ ରନରେ ବିଜୟୀ ହୋଇଥିଲା । ଅଗ୍ନି ପୂର୍ବରୁ ମୁମ୍ବାଇ ପାଇଁ ଅଣ୍ଡର ୧୯ ଓ ଅଣ୍ଡର ୨୩ କ୍ରିକେଟ ଖେଳିଥିଲେ । ହେଲେ ୨୫ ବର୍ଷୀୟ ଅଗ୍ନିଙ୍କୁ ତାଙ୍କ କୋଚ କୁଶପ୍ରୀତ ସିଂହ ଆଉ ଏକ ରାଜ୍ୟରୁ ଖେଳିବାକୁ ପରାମର୍ଶ ଦେଇଥିଲେ । ଏହାପରେ ସେ ମିଜୋରାମ ପାଇଁ ରଣଜୀ ଖେଳି ଚାଲିଛନ୍ତି ।

ରଣଜୀ ଟ୍ରଫି ପ୍ଲେଟ୍ ଲିଗ୍ରେ ଦମ୍ଦାର ଫର୍ମରେ ଥିବା ଅଗ୍ନି ଚଳିତ ବର୍ଷ ଜାନୁଆରୀ ମାସରେ ପ୍ରଥମ ବ୍ୟାଟର ଭାବେ ନିଜର ପ୍ରଥମ ୪ ରଣଜୀ ମ୍ୟାଚ୍ର ପ୍ରଥମ ଇନିଂସରେ ୪ଟି ଶତକ ହାସଲ କରିଥିଲେ । ଏପରି ରେକର୍ଡ କରିବାରେ ସେ ପ୍ରଥମ ବ୍ୟାଟର ବନିଥିଲେ । ସେ ୨୦୨୩-୨୪ର ପ୍ରଥମ ୪ ରଣଜୀ ମ୍ୟାଚରେ ଯଥାକ୍ରମ ୧୦୫ ଓ ୧୦୧, ୧୧୪ ଓ ୧୦, ୧୬୪ ଓ ୧୫ ଏବଂ ୧୧୬ ଓ ୯୨ ରନର ଇନିଂସ ଖେଳିଥିଲେ । ତାଙ୍କ ବ୍ୟାଟିଂ ହାର ୯୫.୮୭ ରହିଥିଲା । ୪ ମ୍ୟାଚ୍ରେ ୪ ଶତକ ହାସଲ କରିବା ରେକର୍ଡ ମଧ୍ୟ ଡନ୍ ବ୍ରାଡ୍ମ୍ୟାନଙ୍କ ନାଁରେ ନାହିଁ ।

# ଲଜ୍ଜାଜନକ ପରାଜୟ ପରେ ଆକ୍ସନ ମୋଡ୍ରେ ବିସିସିଆଇ

**ନୂଆଦିଲ୍ଲୀ**

ଟେଷ୍ଟ ସିରିଜ୍ର ପ୍ରଥମ ଦୁଇଟି ମ୍ୟାଚ୍ରେ ନ୍ୟୁଜିଲାଣ୍ଡ ଭାରତକୁ ପରାସ୍ତ କରିଛି । ଏହି ବିଜୟ ସହିତ ନ୍ୟୁଜିଲାଣ୍ଡ ସିରିଜ୍ରେ ୨-୦ ଅଗ୍ରଣୀ ହାସଲ କରିଛି । ଟିମ୍ ଇଣ୍ଡିଆର ପରାଜୟ ପରେ ଅନେକ ଲଜ୍ଜାଜନକ ଘଟଣା ଘଟିଛି । କ୍ୟାପ୍ଟେନ ରୋହିତ ଶର୍ମା ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଦଳର ପରାଜୟ ପରେ ଭାରତରେ କ୍ରିକେଟ ବୋର୍ଡ ଅଫ କଣ୍ଟ୍ରୋଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏକ ରିପୋର୍ଟ ଅନୁଯାୟୀ, ଦଳ ପରିଚାଳନା ସମସ୍ତ ଖେଳାଳିଙ୍କୁ ଟ୍ରେନିଂ ସେସନରେ ଭାଗ ନେବାକୁ କହିଛି । ବର୍ତ୍ତମାନ ଖେଳାଳିମାନଙ୍କୁ ଦୀପାବଳିରେ ମଧ୍ୟ ଟ୍ରେନିଂ ନେବାକୁ ପଡ଼ିବ ।

ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ଭାରତକୁ ୮ ୱିକେଟରେ ଏବଂ ଦ୍ୱିତୀୟ ଟେଷ୍ଟରେ ୧୧୩ ରନ୍ରେ ପରାସ୍ତ ହୋଇଥିଲା । ଟିମ୍ ଇଣ୍ଡିଆର




ଅଧିକାଂଶ ଖେଳାଳି ବିଶେଷ କିଛି କରିପାରି ନ ଥିଲେ । ରୋହିତ ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଉଭୟ ଟେଷ୍ଟ ମ୍ୟାଚ୍ରେ ଫ୍ଲପ ହୋଇଥିଲେ । ବର୍ତ୍ତମାନ ବିସିସିଆଇ ଏ ସମ୍ପର୍କରେ କାର୍ଯ୍ୟ କରୁଛି ।

ଦଳ ପରିଚାଳନା ସମସ୍ତ ଖେଳାଳିଙ୍କୁ ଟ୍ରେନିଂ ସେସନ୍ରେ ଭାଗ ନେବାକୁ କହିଛି । ଏହି ପ୍ରଶିକ୍ଷଣ ଅଧିବେଶନ ୩୦ ଏବଂ ୩୧ ଅକ୍ଟୋବରରେ ଅନୁଷ୍ଠିତ ହେବ ଏବଂ ଏହା ସମସ୍ତ ଖେଳାଳିଙ୍କ ପାଇଁ ବାଧ୍ୟତାମୂଳକ ହେବ । ବିରାଟ, ରୋହିତ ଏବଂ ଜସପ୍ରୀତ ବୁମ୍ରାଙ୍କୁ ମଧ୍ୟ ଏଥିରେ ଭାଗ ନେବାକୁ ପଡ଼ିବ । ସେମାନେ କୌଣସି ପ୍ରକାରର ଛାଡ଼ ପାଇବେ ନାହିଁ । ଏହାପୂର୍ବରୁ ଅନେକ ଖେଳାଳିଙ୍କ ପାଇଁ ଟ୍ରେନିଂ ସେସନରେ ଆରାମ ମିଳିଥିଲା । କିନ୍ତୁ ଏହା ଏବେ ଘଟିବ ନାହିଁ । ତେଣୁ ସମସ୍ତ ଖେଳାଳି ଦୀପାବଳିରେ ମଧ୍ୟ ପ୍ରଶିକ୍ଷଣ ନେବେ ।

ପୁଣେ ଟେଷ୍ଟରେ ପରାଜୟ ପରେ ବିସିସିଆଇ ଖେଳାଳିଙ୍କୁ ଦୁଇ ଦିନ ବିରତି ଦେଇଛି । ଟେଷ୍ଟ ସିରିଜ୍ର ତୃତୀୟ ତଥା ଶେଷ ମ୍ୟାଚ୍ ନଭେମ୍ବର ୧ରୁ ମୁମ୍ବାଇରେ ଖେଳାଯିବ । ତେଣୁ ଅଧିକାଂଶ ଖେଳାଳି ଏବଂ ସପୋର୍ଟ ଷ୍ଟାଫ ରବିବାର ନିଜେ ମୁମ୍ବାଇରେ ପହଞ୍ଚିଛନ୍ତି । ବିରାଟ ଏବଂ ରୋହିତ ବର୍ତ୍ତମାନ ପରିବାର ସହିତ ଅଛନ୍ତି । କିନ୍ତୁ ସେ ଶୀଘ୍ର ଦଳରେ ଯୋଗଦେବେ ।

# ପ୍ରଥମ ଥର ଇମର୍ଜିଂ ଏସିଆ କପ୍ ଜିତିଲା ଆଫଗାନିସ୍ତାନ

**ଓମାନ**

କ୍ରିକେଟରେ ନୂଆ ଇତିହାସ । ପ୍ରଥମ ଥର ପାଇଁ ଏସିସି ପୁରୁଷ ଇମର୍ଜିଂ ଏସିଆ କପ୍ ୨୦୨୪ ଚାମ୍ପିୟନ ହୋଇଛି ଆଫଗାନିସ୍ତାନ । ଫାଇନାଲ ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ କେବଳ ୧୩୩ ରନ କରିପାରିଥିଲା ଶ୍ରୀଲଙ୍କା 'ଏ' । ଜବାବରେ ଆଫଗାନିସ୍ତାନ 'ଏ' କେବଳ ୧୮.୧ ଓଭରରେ ଲକ୍ଷ୍ୟ ହାସଲ କରି ଇତିହାସ ରଚିଛି ।

ଓମାନରେ ଇମର୍ଜିଂ ଏସିଆ କପ୍ ୨୦୨୪ ଖେଳାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଆଫଗାନିସ୍ତାନ 'ଏ' ଏବଂ ଶ୍ରୀଲଙ୍କା 'ଏ' ମଧ୍ୟରେ ଖେଳାଯାଇଥିଲା । ଆଫଗାନିସ୍ତାନ 'ଏ' ଦଳ ଏହି ମ୍ୟାଚ୍କୁ ୭ ୱିକେଟରେ ଜିତ ନେଇଛି । ଆଫଗାନିସ୍ତାନ ଦଳ ପ୍ରଥମ ଥର ପାଇଁ ଇମର୍ଜିଂ ଏସିଆ କପ୍ ଟାଇଟଲ୍ ଜିତିଛି । ଦ୍ୱିତୀୟ ସେମି ଫାଇନାଲରେ ଭାରତକୁ ହରାଇ ଆଫଗାନିସ୍ତାନ ଫାଇନାଲରେ ପ୍ରବେଶ କରିଥିଲା । ଆଫଗାନିସ୍ତାନ 'ଏ' ଏବଂ ଶ୍ରୀଲଙ୍କା 'ଏ' ମଧ୍ୟରେ ଖେଳାଯାଇ ଥିବା ଫାଇନାଲ ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ହେଲେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୧୩୩ ରନ୍ ସଂଗ୍ରହ କରିଥିଲା ଏବଂ ଆଫଗାନିସ୍ତାନକୁ ଇତିହାସ ରଚିବା ପାଇଁ କେବଳ ୧୩୪ ରନର ଲକ୍ଷ୍ୟ ଦେଇଥିଲା । ଏହାର ଜବାବରେ ଆଫଗାନିସ୍ତାନ ଦଳ କେବଳ ୧୮.୧ ଓଭରରେ ୩ ୱିକେଟ୍ ହରାଇ ଏହି ଟାର୍ଗେଟକୁ ହାସଲ କରିନେଇଥିଲା । ଆଫଗାନିସ୍ତାନ କ୍ରିକେଟ୍ ଇତିହାସରେ ଏହା ଏକ ଐତିହାସିକ ବିଜୟ ।

# ପାକିସ୍ତାନ ଦଳର କୋଚ୍ ପଦ ଛାଡ଼ିଲେ ଗ୍ୟାରି କର୍ଷ୍ଟନ

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟରେ ପ୍ରତିଦିନ କିଛି ନା କିଛି ନୂଆ ଡ୍ରାମା ଦେଖିବାକୁ ମିଳୁଛି । ବୋର୍ଡ ରବିବାର ସୀମିତ ଓଭର କ୍ରିକେଟରେ ମହମ୍ମଦ ରିଜୱାନଙ୍କୁ ନୂଆ ଅଧିନାୟକ ଭାବେ ଘୋଷଣା କରୁ କରୁ ସୋମବାର ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଛାଡ଼ିଛନ୍ତି ଗ୍ୟାରୀ କିର୍ଷ୍ଟନ୍ । ପାକିସ୍ତାନର ସୀମିତ ଓଭର କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ତାଙ୍କର ଚୁକ୍ତି ୨ ବର୍ଷର ଥିଲା, ହେଲେ ମାତ୍ର ୬ ମାସରେ ପିସିବି ସହ ସବୁ ସମ୍ପର୍କ ଶେଷ କରିଛନ୍ତି ଏହି ଦକ୍ଷିଣ ଆଫ୍ରିକୀୟ କ୍ରିକେଟ କିମ୍ବଦନ୍ତୀ ।

ରିପୋର୍ଟ ଅନୁଯାୟୀ, ଗ୍ୟାରୀ କିର୍ଷ୍ଟନ୍ ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମଧ୍ୟରେ ବିଭିନ୍ନ ନିଷ୍ପତ୍ତିରେ ବାରମ୍ବାର ଅସହମତି ପ୍ରକାଶ ପାଇଥିଲା । ଏପରିକି ଅଷ୍ଟ୍ରେଲିଆ ଓ ଜିମ୍ବାୱେ ବିପକ୍ଷ ସିରିଜ୍ ପାଇଁ ସୋମବାର ଘୋଷଣା କରାଯାଇଥିବା ଦଳରେ ମଧ୍ୟ ତାଙ୍କର ପରାମର୍ଶ ଗ୍ରହଣ କରାଯାଇନାହିଁ । ଏତିକି




ନୁହେଁ, ଯେତେବେଳେ ମହମ୍ମଦ ରିଜୱାନଙ୍କୁ ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଗଲା, ସେତେବେଳେ ମଧ୍ୟ କିର୍ଷ୍ଟନ ପାକିସ୍ତାନରେ ନଥିଲେ । ଏହିସବୁ କାରଣରୁ କିର୍ଷ୍ଟନ୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଥିବା କୁହାଯାଉଛି । ତେବେ ଏପର୍ଯ୍ୟନ୍ତ ଏହି ଦକ୍ଷିଣ ଆଫ୍ରିକୀୟ କ୍ରିକେଟ ପ୍ରଶିକ୍ଷକ ନିଜେ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

ନୂଆ କୋଚ୍ ନିଯୁକ୍ତ କଲା ପିସିବି : ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଅଫିସିଆଲ୍ ସୋସିଆଲ୍ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ଲେଖିଛି ଯେ ଗ୍ୟାରୀ କିର୍ଷ୍ଟନ୍ ତାଙ୍କ ଇସ୍ତଫା ପତ୍ର ଦାଖଲ କରିଛନ୍ତି, ଯାହା ଗ୍ରହଣ କରାଯାଇଛି । ଏହା ବ୍ୟତୀତ ଅଷ୍ଟ୍ରେଲିଆ ଗସ୍ତ ପାଇଁ ନୂଆ କୋଚ୍ ମଧ୍ୟ ଘୋଷଣା କରିଛି ବୋର୍ଡ । ପିସିବି ଲେଖିଛି, 'ଜାସନ୍ ଗିଲ୍ସପି ଆସନ୍ତା ମାସରେ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ୍ ପାଇଁ ପାକିସ୍ତାନ ପୁରୁଷ କ୍ରିକେଟ୍ ଦଳର କୋଚ୍ ହେବେ ।'

କିର୍ଷ୍ଟନଙ୍କ ପ୍ରଶିକ୍ଷଣରେ ପାକିସ୍ତାନର ପ୍ରଦର୍ଶନ : ଆଇପିଏଲ୍ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସଠାରୁ ପୃଥକ୍ ହେବା ପରେ ଗ୍ୟାରୀ କିର୍ଷ୍ଟନଙ୍କୁ ଏପ୍ରିଲ ୨୮, ୨୦୨୪ରେ ଦୁଇ ବର୍ଷ ପାଇଁ ପାକିସ୍ତାନ କ୍ରିକେଟ୍ ଦଳର ସୀମିତ ଓଭର ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଥିଲା ପିସିବି । କିର୍ଷ୍ଟନ୍ କୋଚ୍ ହେବା ପରେ ପରେ ଆୟର୍ଲ୍ୟାଣ୍ଡ ବିପକ୍ଷରେ ୨-୧ରେ ଟି୨୦ ସିରିଜ୍ ଜିତିଥିଲା ପାକିସ୍ତାନ । ଏହାପରେ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ୍କୁ ୦-୨ରେ ହାରିବା ସହ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ୍ ଏବଂ ଆମେରିକାରେ ଆୟୋଜିତ ଟି-୨୦ ବିଶ୍ୱକପରେ ସୁପର-୮କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା ଦଳ । ପାକିସ୍ତାନର ଏଭଳି ପ୍ରଦର୍ଶନ ପାଇଁ ଦଳର ମୁଖ୍ୟ ପ୍ରଶିକ୍ଷକ ଥିବା କିର୍ଷ୍ଟନଙ୍କୁ ମଧ୍ୟ ଖୁବ୍ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା ।

# ଆଇପିଏଲ : କେଏଲ ରାହୁଲଙ୍କୁ ରିଲିଜ୍ କଲା ଲକ୍ଷ୍ନୌ

**ନୂଆଦିଲ୍ଲୀ**

ଆସନ୍ତା ୨୦୨୫ ଆଇପିଏଲ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଲକ୍ଷ୍ନୌ ସୁପର ଜିଆଣ୍ଟସ ବା ଏଲଏସ୍ଜି । ମେଗା ଅକ୍ସନ ପୂର୍ବରୁ ଫ୍ରାଞ୍ଚାଇଜ ବଡ଼ ନିଷ୍ପତ୍ତି ନେଇଛି । ଅକ୍ସନ ପୂର୍ବରୁ ଖେଳାଳି ରିଟେନ ଓ ରିଲିଜର ଶେଷ ତାରିଖ ହେଉଛି ଅକ୍ଟୋବର ୩୧ ରହିଛି । କିନ୍ତୁ ଏହାପୂର୍ବରୁ ଲକ୍ଷ୍ନୌ କେଏଲ ରାହୁଲଙ୍କୁ ରିଲିଜ୍ କରି ଦେଇଥିବା ଜଣାପଡ଼ିଛି । ଏହାର ଅର୍ଥ ରାହୁଲ ଏଥର ମେଗା ଅକ୍ସନରେ ସାମିଲ ହେବେ ।

ଫ୍ରାଞ୍ଚାଇଜ ରାହୁଲଙ୍କୁ ରିଲିଜ୍ କରିଥିବା ବେଳେ ୩ ଜଣ ଖେଳାଳିଙ୍କୁ ରଖିବାକୁ ନିଷ୍ପତ୍ତି ନେଇଛି । ସେମାନେ ହେଲେ ନିକୋଲ୍ସ ପୁରନ, ମୟଙ୍କ ଯାଦବ ଓ ରବି




ବିଷ୍ଣୋଇ । ଖାଲି ସେତିକି ନୁହେଁ, ୨୦୨୫ରେ ପୁରନ ହିଁ ଏଲଏସଜିର ନେତୃତ୍ୱ ନେବେ ବୋଲି ଖବର ପ୍ରକାଶ ପାଇଛି । ପୁରନ ନିଜର ପାୱାର ହିଟିଂ ବ୍ୟାଟିଂ ପାଇଁ ବେଶ ଜଣାଶୁଣା । ସେ ୱିକେଟ କିପିଂ ମଧ୍ୟ କରିବାକୁ ସକ୍ଷମ ।

ଗତବର୍ଷ କେଏଲ ରାହୁଲଙ୍କ ଅନୁପସ୍ଥିତିରେ ପୁରନ କିଛି ମ୍ୟାଚ୍ରେ କ୍ୟାପ୍ଟେନ୍ସି ଭାର ସମ୍ଭାଳିଥିଲେ । ସେ ୱେଷ୍ଟଇଣ୍ଡିଜ ଟିମର ନେତୃତ୍ୱ ନେବାର ଅଭିଜ୍ଞତା ରଖିଛନ୍ତି । ତେଣୁ ଏହାକୁ ଲକ୍ଷ୍ନୌ ଆଇପିଏଲରେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି । ପୁରନଙ୍କ ବ୍ୟତୀତ ସ୍ପିଡଷ୍ଟର ମୟଙ୍କ ଯାଦବ ଓ ଲେଗ ସ୍ପିନର ରବି ବିଷ୍ଣୋଇଙ୍କୁ ମଧ୍ୟ ଲକ୍ଷ୍ନୌ ନିଜ ପାଖରେ ରଖିବ ବୋଲି ଫ୍ରାଞ୍ଚାଇଜର ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି ସୂଚନା ଦେଇଛନ୍ତି ।

୨୦୨୩ରେ ଏଲଏସ୍ଜି ୧୬ କୋଟି ଟଙ୍କାରେ ପୁରନଙ୍କୁ କିଣିଥିଲା । ସେହି ବର୍ଷ ସେ ଲିଗ୍ର ସବୁଠାରୁ ଦାମୀ ଖେଳାଳି ରହିଥିଲେ । ପୁରନ ୨୯ ବର୍ଷ ବୟସ୍କ ପୁରନ ୨୦୧୭ରେ ମୁମ୍ବାଇକୁ ୩୦ ଲକ୍ଷ ଟଙ୍କାରେ ଆସିଥିଲେ । ଏହାପରେ ସେ ହାଇଦ୍ରାବାଦ ଓ ଶେଷରେ ୧୬ କୋଟି ଟଙ୍କାରେ ଲକ୍ଷ୍ନୌ ସହ ରହିଛନ୍ତି । ଏହି ୩ ଖେଳାଳିଙ୍କ ବ୍ୟତୀତ ଲକ୍ଷ୍ନୌ ବାମହାତୀ ଦ୍ରୁତ ବୋଲର ମୋହସିନ ଖାନ ଓ ମଧ୍ୟକ୍ରମ ବ୍ୟାଟର ଆୟୁଷ ବଦୋନିଙ୍କୁ ମଧ୍ୟ ରିଟେନ କରିପାରେ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION : GUNUPUR
E-mail: eerwgunpur@gmail.com
O-527

Letter No. 3430 Date. 23.10.2024

1st corrigendum to Bid Identification No- SERWGNP-Online-01/2024-25 invited vide this office notice No 3319, dated 08.10.2024.

In continuation to this office Bid Identification No- SER WGNP-Online-01/2024-25 invited vide this office notice No 3319, dated 08.10.2024 partial modification due to unavoidable circumstances of TCN has been made as follows: -

| Sl No | Item | Time schedule as per original TCN | Time schedule as per corrigendum notice |
|---|---|---|---|
| 1 | Availability of Tender online for bidding | 24.10.2024 at 10.00 A.M. to 04.11.2024 upto 05.00 PM | 28.10.2024 at 10.00 A.M. to 06.11.2024 upto 05.00 P.M. |
| 2 | Date & time of opening of tender | 05.11.2024 at 11.00 A.M. | 07.11.2024 at 11.00 A.M. |

All other terms and conditions will remain unaltered.

Yours faithfully,
Sd/- Superintending Engineer
R.W. Division, Gunupur

OIPR-25170/11/0002/2425

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
E-Mail - sencrwangul@yahoo.co.in
☎ 06764 - 236404
O-511

Tender Call Notice for Building work in Odisha
Bid Identification No. Building Online AGL- 11/2024-25

No. 2600 // Dt. 24.10.2024

1. Name of the work : Building work
2. Total No.of work : 1 No.
3. Estimated cost : Rs.131.75 Lakh Approx.
4. Class of Contractor : 'B' & 'A' Class
5. Period of completion. : 18(Eighteen) Calendar Months
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building-Online - AGL-11/2024-25 | 01.11.24 at 10.00 A.M | 16.11.24 up to 4.30 P.M | 14.11.24 up to 1.00 P.M | 16.11.24 at 5.00 P.M | Will be intimated later on |

(1) For detailed Notice inviting Tenders, Please visit to the website www.tendersorissa.gov.in

Sd/- Chief Engineer
Rural Works Circle, Angul

OIPR-25180/11/0013/2425

Government of Odisha,
Forest, Environment & Climate Change Department
Office of the Divisional Forest Officer, Chilika Wildlife Division, Balugaon,
Email: - dfo.chilikawl@odisha.gov.in
Bid Identification No. 03 / 2024-25
MM-213

1. Divisional Forest Officer Chilika Wildlife Division, Balugaon, on behalf of Governor of Odisha invite percentage rate bids in Single Cover in offline mode for the Construction works as detailed in the table, from the class of eligible contractors as mentioned in column - 6 below registered with State Government/Central Government I MES / Railways having valid license from competent authority for execution of works as detailed below.
2. The bidders may submit bid for the following works.

| Sl. No. | Name of the work | Approximate value of work (in Rs.) | Concerned Tender Inviting Authority | Cost of bid document through D.D (in Rs.)(Non-refundable) | Class of Contractor | Period of Completion. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Forest Guard quarter (1st Floor) at Mukteswar Section office in Tangi WL Range under Chilika Wildlife Division. | 14,52,000/- | DFO, Chilika Wildlife Division Balugaon | 6,000/- | "D" & "C" | 03 (Three calendar month) |

3. Bid documents consisting of plans, specification, the schedule of quantity and the set of terms and condition of contract and other necessary documents can be available in the office of the DFO, Chilika Wildlife Division, Balugaon.
4. Bid documents will be available in O/o the DFO, Chilika WL Division, Balugaon from 29.10.2024 to 21.11.2024 upto 3.00 P.M. for offline bidding and it will be opened on the same day i.e 21.11.2024 at 4PM.

Sd/- Divisional Forest Officer
Chilika Wildlife Division

OIPR-08015/11/0004/2425

# ୟଙ୍ଗଷ୍ଟର୍ ପ୍ରିମିୟର୍ ଲିଗ୍ 'ଲୋଗୋ' ଉନ୍ମୋଚିତ

- ୮ଟି ଦଳକୁ ନେଇ ଖେଳାଯିବ ପ୍ରତିଯୋଗିତା
- ପ୍ରତିଭା ଚିହ୍ନଟ ଓ ବିକାଶ ଉପରେ ବିଶେଷ ଧ୍ୟାନ
- ଡିସେମ୍ବର ୧ରେ ଖେଳାଳି ନିଲାମ, ୨୦ରୁ ଆରମ୍ଭ

**ଭୁବନେଶ୍ୱର**

ସ୍ଥାନୀୟ ଲୟୋଲା ସ୍କୁଲ୍ରୁ ପରିଚାଳିତ ଏବଂ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ୟୁସୁଫ୍ ଓ ଇର୍ଫାନ୍ ପଠାନଙ୍କ ପରିକଳ୍ପିତ 'କ୍ରିକେଟ୍ ଏକାଡେମି ଅଫ୍ ପଠାନ୍ସ' ବା କାପ୍, ଭୁବନେଶ୍ୱର ଅନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ୟଙ୍ଗଷ୍ଟର ପ୍ରିମିୟର ଲିଗ୍ (ୱାଇପିଏଲ୍)ର ଲୋଗୋ ଉନ୍ମୋଚିତ ହୋଇଯାଇଛି । ଡିସେମ୍ବର ୨୦ରୁ ଖେଳାଯିବାକୁ ଥିବା ଏହି କନିଷ୍ଠସ୍ତରୀୟ (୧୯ ବର୍ଷରୁ କମ୍) ଟ୍ୱେଣ୍ଟି-୨୦ କ୍ରିକେଟ୍ ଲିଗ୍ରେ ୮ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ଅଂଶଗ୍ରହଣ କରିବେ । କନିଷ୍ଠସ୍ତରରୁ ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଲାଗି ପାଖାପାଖି ୪୫୬ଜଣ ଖେଳାଳି




ନାମ ପଞ୍ଜୀକରଣ କରି ସାରିଛନ୍ତି । ଖେଳାଳି ନିଲାମ ଡିସେମ୍ବର ପହିଲାରେ ଅନୁଷ୍ଠିତ ହେବ ଏବଂ ପ୍ରତ୍ୟେକ ଫ୍ରାଞ୍ଚାଇଜ ଏଥିଲାଗି ୨ରୁ ୪ ଲକ୍ଷ ଟଙ୍କାର ପାଣ୍ଠି ବିନିଯୋଗ କରିପାରିବେ । ପ୍ରତ୍ୟେକ ଦଳରେ ସର୍ବାଧିକ ୨୧ଜଣ ଖେଳାଳି ରହିବେ ।

ଏକ ନିଆରା ପ୍ରୟୋଗକ୍ରମେ ସେଥିମଧ୍ୟରୁ ଜଣେ ରାଜ୍ୟସ୍ତରୀୟ ଖେଳାଳି, ୪ଜଣ ୧୬ବର୍ଷରୁ କମ୍ ଖେଳାଳି ଏବଂ ଦୁଇ ଜଣ ୧୪ବର୍ଷରୁ କମ୍ ଖେଳାଳି ଚୂଡ଼ାନ୍ତ ଏକାଦଶରେ ରହିବାକୁ ବାଧ୍ୟତାମୂଳକ କରାଯାଇଛି । ସେହିଭଳି ମହିଳା କ୍ରିକେଟରମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ଲାଗି ବଳିଷ୍ଠ ମଞ୍ଚ ଯୋଗାଇବା ଉଦ୍ଦେଶ୍ୟ ନେଇ ଏବର୍ଷ ଦୁଇଟି ବାଳିକା ଦଳକୁ ନେଇ ସମାନ୍ତରାଳ ଭାବେ ଅନ୍ୟଏକ ମିନି ଲିଗ୍ ଖେଳିବାକୁ ଯୋଜନା ରହିଛି । ଆସନ୍ତା ଋତୁରୁ ବାଳକଙ୍କ ଭଳି ବାଳିକା ଲିଗ୍ ମଧ୍ୟ ଆୟୋଜିତ ହେବ ବୋଲି କାପ୍, ଭୁବନେଶ୍ୱରର ମାଲିକ ତଥା ଏଆର ସ୍ପୋର୍ଟସର ପରିଚାଳନା ନିର୍ଦ୍ଦେଶକ ଆଶୋକ କୁମାର ସୂଚନା ଦେଇଛନ୍ତି । ମାତ୍ର ଦୁଇବର୍ଷ ତଳେ ଆରମ୍ଭ ହୋଇଥିବା କାପ୍, ଭୁବନେଶ୍ୱରରୁ ରାଜ୍ୟ ୧୯ବର୍ଷରୁ କମ୍ ଦଳରେ ୫ଜଣ ଖେଳାଳି (ଉଭୟ ବାଳକ ଓ ବାଳିକା) ଯଥା ଆୟୁଷ ଚାନ୍ଦ, ପ୍ରତ୍ୟୁଷ ମହାନ୍ତି, ମିତାଲି ଶର୍ମା, ଶ୍ରେୟା ପ୍ରିୟଦର୍ଶିନୀ ଓ ଅନୁଷ୍କା ମିଶ୍ର ସାମିଲ ହୋଇଛନ୍ତି । ଆଗାମୀ ସମୟରେ ଏକାଡେମିରୁ ଆହୁରି ଅନେକ ରାଜ୍ୟସ୍ତରୀୟ ଖେଳାଳି ସୃଷ୍ଟି ହେବେ ବୋଲି ସେ ଦୃଢ଼ ଆଶା ପୋଷଣ କରିଛନ୍ତି । ପ୍ରତିଯୋଗିତାର ସଫଳ ଆୟୋଜନ ଲାଗି ଶ୍ରୀ କୁମାର ମଧ୍ୟ ଓଡ଼ିଶା କ୍ରିକେଟ୍ ସଂଘର ସହଯୋଗ ଲୋଡ଼ିଛନ୍ତି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଲୟୋଲା ସ୍କୁଲ୍ର ପ୍ରଧାନଶିକ୍ଷକ ଫାଦର ଏ. ଅମଲଦୋସ, ଏସ୍ଜେ ଆଣ୍ଡ ରିଆକ୍ଟର ଫାଦର ଅଗଷ୍ଟିନ୍, ଦଧିଚି ପବ୍ଲିକ୍ ସ୍କୁଲ୍ ଭୁବନେଶ୍ୱରର ଅଧ୍ୟକ୍ଷ ମନୋଜ କୁମାର ଦାସ, ବିବିଏନ୍ ପ୍ଲାଷ୍ଟିକ୍ସର ଅଧ୍ୟକ୍ଷ ୟୁସି ଭଞ୍ଜ ଏବଂ କ୍ରୀଡ଼ା ପରିଚାଳନା କମ୍ପାନୀ 'ଇନସିଙ୍ଗ୍ ଏଡୁ ସ୍ପୋର୍ଟର ଏଲଏଲପି'ର ସହପ୍ରତିଷ୍ଠାତା ଅଜିଜା ଖାନମ୍ ଓ ସାଗରିକା ମହାପାତ୍ର, ସୁକାନ୍ତ କୁମାର ଦଶ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ଥିତି ସ୍ୱାଭାବିକ ପାଇଁ ଆହୋରାତ୍ର କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀ : ୯୮% ଅଞ୍ଚଳକୁ ସରିଲାଣି ବିଦ୍ୟୁତ ସଂଯୋଗ

**ବାଲେଶ୍ୱର, ନ୍ୟୁଜ୍**

ବାତ୍ୟା 'ଦାନା'ରେ ଗୁରୁତର ପ୍ରଭାବିତ ହୋଇଛି ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଦ୍ୟୁତ ସେବା । ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡଏଲ) ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଥିବାବେଳେ ପ୍ରାୟ ୯୮ପ୍ରତିଶତ ଅଞ୍ଚଳକୁ ଏଯାବତ୍ ବିଦ୍ୟୁତ ସଂଯୋଗ ହୋଇ ସାରିଛି । ସ୍ଥିତି ସ୍ୱାଭାବିକ କରିବା ପାଇଁ କର୍ମଚାରୀମାନେ ଆହୋରାତ୍ର କାର୍ଯ୍ୟରତ ଥିଲେ ହେଁ ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାତ୍ୟା ପ୍ରଭାବରେ ବର୍ଷା ଯୋଗୁ ଜଳାର୍ଣ୍ଣବ ତଳିଆ ଅଞ୍ଚଳ । ଧାନ ବିଲରେ ମିଳୁନି ରାସ୍ତା । ପାଦେ ପାଦେ ରହିଛି ବିପଦ । ପାଣି କାଦୁଅରେ ପାଦ ସଳଖି ଛିଡ଼ା ହେବା କଷ୍ଟ । ହେଲେ ଏପରି ସ୍ଥିତିରେ ବି ଓଜନିଆ ବିଦ୍ୟୁତ ଖୁଣ୍ଟି ବୁହା ହେଉଛି । ତାର, ଶଙ୍ଖ ଭଳି ଭାରି ସାମଗ୍ରୀ କର୍ମଚାରୀ କାନ୍ଧେଇ ନେଇ ମରାମତିରେ ମାତିଛନ୍ତି । ବିଲ, ଖାଲ, ବଣ ଜଙ୍ଗଲ, ନୟନଜୋରୀ ସବୁକୁ ଡେଉଁଛନ୍ତି । ବାତ୍ୟା ପରେ କିଭଳି ଲୋକେ ବିଦ୍ୟୁତ ସେବା ପାଇପାରିବେ, ଏ ସବୁ ପ୍ରତିକୂଳ ସ୍ଥିତିକୁ ସାମ୍ନା କରି ଟିପିଏନଓଡଏଲର କର୍ମଚାରୀମାନେ ବିଦ୍ୟୁତ ଭିତ୍ତିଭୂମି ପୁନରୁଦ୍ଧାର କାର୍ଯ୍ୟରେ କାର୍ଯ୍ୟରତ । ବାତ୍ୟାରେ ଭଦ୍ରକ ଜିଲ୍ଲା ଭଦ୍ରକ ସାଉଥ୍ ଓ ନର୍ଥ ଇଲେକ୍ଟ୍ରିକାଲ୍ ଡିଭିଜନ ଏବଂ ବାଲେଶ୍ୱର ଜିଲ୍ଲାର ସୋର ଇଲେକ୍ଟ୍ରିକାଲ୍ ଡିଭିଜନରେ ଅଧିକ ମାତ୍ରାରେ କ୍ଷୟକ୍ଷତି ଘଟିଛି । ଭଦ୍ରକ ଜିଲ୍ଲାର ଧାମରା, ବାସୁଦେବପୁର, ଚାନ୍ଦବାଲି, ଇରମ, ରାହାଞ୍ଜା, ତିହିଡି ଅଞ୍ଚଳରେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିବା ବେଳେ ସୋର ଡିଭିଜନ ଅଧୀନରେ ଔପଦା, ସୋର, ସିମୁଳିଆ, ବାହାନଗା, ଖଇରା ଆଦି ଅଞ୍ଚଳରେ ଅଧିକ ବାତ୍ୟା ପ୍ରଭାବିତ ହୋଇଛି । ବିଦ୍ୟୁତ୍ ଫିଡର, ବିଦ୍ୟୁତ ତାର ଉପରେ ବଡ଼ ବଡ଼ ଗଛ ପଡ଼ିବା ଏବଂ ପବନରେ ଖୁଣ୍ଟ ଭାଙ୍ଗିବା ଆଦି ଫଳରେ ବିଦ୍ୟୁତ ସେବା ବ୍ୟାଘାତ ଘଟିଛି । ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ଟିପିଏନ୍ଓଡିଏଲ୍ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ସେବା ପ୍ରଭାବିକ କରିବା ପାଇଁ ଟିପିଏନ୍ ଓଡିଏଲର ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ଅଧିକାଂଶ ସ୍ଥାନରେ ବର୍ଷା ପରେ ପାଣି ଜମା ହୋଇଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ସୂଚନା ମୁତାବକ ଟିପିଏନଓଡିଏଲ ଅଧୀନରେ ୭୨ଟି ୩୩ କେଭି ଫିଡର, ୬୬୨ଟି ୧୧ କେଭି ଫିଡର, ୬୬ହଜାରରୁ ଅଧିକ ଡିଟିଆର ଏବଂ ୧୪.୫୫ ଲକ୍ଷ ଉପଭୋକ୍ତା ବାତ୍ୟା ଯୋଗୁ ପ୍ରଭାବିତ ହୋଇଥିଲେ । ଏଯାବତ୍ ସମସ୍ତ ୩୩ କେଭି ଓ ୧୧ କେଭି ଏବଂ ୬୪ ହଜାର ଡିଟିଆର ମରାମତି ହୋଇ ସାରିଛି ।



୯୮ ପ୍ରତିଶତରୁ ଅଧିକ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ଅବଶିଷ୍ଟ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ କରିବାକୁ କର୍ମଚାରୀମାନେ ତତ୍ପର ମଧ୍ୟ ଅଛନ୍ତି ।

ଭୁବନେଶ୍ୱର
୨୯ ଅକ୍ଟୋବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# କାର୍ତ୍ତିକ ମାସର ଦ୍ୱିତୀୟ ସୋମବାରରେ ବାବା ଧବଳେଶ୍ୱରଙ୍କ ପୀଠରେ ଭକ୍ତଙ୍କ ଭିଡ

ଆଠଗଡ ୨୮/୧୦
ନ୍ୟୁଜ ବ୍ୟୁରୋ



କାର୍ତ୍ତିକ ମାସର ଦ୍ୱିତୀୟ ସୋମବାରରେ ଚଳଚଞ୍ଚଳ ହୋଇଯାଇଛି ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ପୀଠ। ଧାର୍ମିକ ବିଶ୍ୱାସ ରହିଛି ଏହି ଦିନରେ ଦେବ ଦେବ ମହାଦେବଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ । ଏହି ଅବସରରେ ବଡ଼ସିଂହାର ବେଶରେ ଦର୍ଶନ ଦେଇଛନ୍ତି ବାବା ଧବଳେଶ୍ୱର। କାର୍ତ୍ତିକ ସୋମବାରରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବା ସହିତ ପୀଠରେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି ବ୍ରତଧାରୀ ଓ ଶ୍ରଦ୍ଧାଳୁ । ପୂଜକ ସମିତି ପକ୍ଷରୁ ଭୋର୍ ୪ଟାରୁ ମନ୍ଦିରର ପହଡ ଖୋଲାଯାଇ ୧୦୮ ସୁବାସିତ ଜଳରେ ବାବାଙ୍କୁ ସ୍ନାନ ପରେ ମଙ୍ଗଳଆଳତୀ, ମଇଲମ୍, ବାଲଭୋଗ ଆଦି ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଛି । କଂକ୍ରିଟ ସେତୁ ଦେଇ ଶ୍ରଦ୍ଧାଳୁମାନେ ପୀଠକୁ ଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

# ବିକଶିତ ଓଡ଼ିଶା ଓ ଭାରତ ଗଠନ କରିବା ଆମ ସରକାରଙ୍କ ଲକ୍ଷ୍ୟ : ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର, ୨୮/୧୦
ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଶିଳ୍ପ ଶିକ୍ଷା ପ୍ରତିଷ୍ଠାନରୁ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ସୋମବାର କୌଶଳ ଦୀକ୍ଷାନ୍ତ ସମାରୋହ ଆୟୋଜିତ ହୋଇଯାଇଛି । ଏହି ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଆମ ସ୍କିଲ୍ଡ ଇନ୍ ଓଡ଼ିଶାର ଯୁବଶକ୍ତି ତାଙ୍କର କଠିନ ପରିଶ୍ରମ, ସଂକଳ୍ପ ଏବଂ କୌଶଳ ଦ୍ୱାରା ରାଜ୍ୟର ସ୍ୱାଭିମାନକୁ ସ୍ଥାନୀୟ ଏବଂ ଦେଶୀୟ ସହିତ ଆନ୍ତର୍ଜାତିକ ମଞ୍ଚରେ ଉନ୍ନତ କରିବାରେ ସଫଳ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସରକାର ରାଜ୍ୟରେ ଦକ୍ଷତା ବିକାଶର ପରିବେଶକୁ ଉତ୍ତମ କରିବା ପାଇଁ ପ୍ରତିବଦ୍ଧ । ଏହାକୁ ସ୍ଥାନୀୟ ଭାବରେ ପ୍ରାସଙ୍ଗିକ, ଶିଳ୍ପଚାଳିତ ଏବଂ ନିଯୁକ୍ତି ଉପରେ ଧ୍ୟାନ ଦେଇ ସ୍କିଲିଂର ଗୁଣରେ ଉନ୍ନତି ଆଣିବା ପାଇଁ ଆମେ କାର୍ଯ୍ୟ କରିବୁ। ବିକଶିତ ଭାରତ ୨୦୪୭ର ବୃହତ ଜାତୀୟ ଆକାଂକ୍ଷାକୁ ପ୍ରତିଫଳିତ କରି ବିକଶିତ ଓଡ଼ିଶା ୨୦୩୬ ଗଠନରେ ଦକ୍ଷତା ବିକାଶ ବିଭାଗ କଠିନ ପରିଶ୍ରମ କରିବ । ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା କହିଥିଲେ ଯେ ଏହା ସ୍କିଲ୍ଡ ଇନ୍ ଓଡ଼ିଶାର ଯୁବଶକ୍ତିଙ୍କ ଆତ୍ମନିର୍ଭର ଭାରତ ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନ କରିବା ଯାତ୍ରାର ଆରମ୍ଭ । ଏହା ତାଙ୍କୁ ଭାରତର ଉନ୍ନତିରେ ମୁଖ୍ୟ ଭାବେ ଅବଦାନ କରିବାରେ ସାମର୍ଥ୍ୟଶାଳୀ କରିବ ।



ଏହି ସମାରୋହରେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ କ୍ଷେତ୍ରରେ ଉତ୍କର୍ଷତା ଆଡକୁ ଆଗେଇ ନେଇଥିବା ବିଭିନ୍ନ ଅନୁଷ୍ଠାନ, ପ୍ରଧାନଶିକ୍ଷକ ଏବଂ ଅଧ୍ୟାପିକାମାନଙ୍କ ଅମୂଲ୍ୟ ଅବଦାନକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଶଂସା କରିଥିଲେ । ସରକାରୀ ଆଇଟିଆଇ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ତାକତପୁର ପରି ଅନୁଷ୍ଠାନମାନେ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ଦେଇଥିଲେ । ବାଲେଶ୍ୱର ଏବଂ ବ୍ରହ୍ମପୁରରୁ ୯ଟି, ଭୁବନେଶ୍ୱରରୁ ୮ଟି ଏବଂ ତାକତପୁରରୁ ୫ଟି ଟ୍ରେଡ୍‌ରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇ ରାଜ୍ୟରେ ଶ୍ରେଷ୍ଠତା ଦର୍ଶାଇଥିଲେ । ଶେଷରେ ଅତିରିକ୍ତ ଶାସନ ସଚିବ ପିନାକୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଭୁବନେଶ୍ୱର : ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ ଅବସରରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଶପଥ ପାଠ କରାଉଛନ୍ତି । (ଫଟୋ : ସମ୍ବାଦ କଳିକା)

## ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନେଇ ଟାସ୍କଫୋର୍ସର ପ୍ରଥମ ବୈଠକ

# ଲୋକଙ୍କୁ ସ୍ଥାୟୀ ରୋଜଗାର ପନ୍ଥା ଯୋଗାଣ ଉପରେ ଉପମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୮/୧୦ ନ୍ୟୁଜ ବ୍ୟୁରୋ

ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠନ ହୋଇଥିବା ଟାସ୍କଫୋର୍ସର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବିଭାଗର ମନ୍ତ୍ରୀଗଣ, ଅତିରିକ୍ତ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟରେ ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠିତ ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସର ପ୍ରଥମ ବୈଠକରେ ଦାଦନ ଯିବା କାରଣ ଓ ଏହାର ସମାଧାନ ଉପରେ ସଭିଏଁ ନିଜ ନିଜର ମତବ୍ୟକ୍ତ କରିଥିଲେ । ବୈଠକରେ ଶ୍ରୀ ସିଂହଦେଓ ଅଧ୍ୟକ୍ଷତା କରି କହିଥିଲେ ଯେ, ଲୋକଙ୍କୁ ସ୍ଥାୟୀ ଜୀବିକା କିମ୍ବା ରୋଜଗାରର ପନ୍ଥା ଯୋଗାଇ ଦେବା





ସହ ଦଲାଲ (ଲେବର୍ ସର୍ଦ୍ଦାର)କୁ ହଟାଇ ପାରିଲେ ଦାଦନ ବିସ୍ଥାପନ ସମସ୍ୟା କିଛି ମାତ୍ରାରେ କମିଯିବ । ଅଧିକ ରୋଜଗାରର ଆଶା ଦେଖାଇ ସେମାନେ ଦିନମଜୁରିଆଙ୍କୁ ପ୍ରଲୋଭିତ କରନ୍ତି । କିନ୍ତୁ ପରେ ସେମାନଙ୍କୁ ଠିକ ଭାବରେ ପାରିଶ୍ରମିକ ନ ଦେଇ ଦିନରାତି ଖଟାନ୍ତି। ସେଥିପାଇଁ ସରକାରଙ୍କ ତରଫରୁ ଏହି ଟାସ୍କଫୋର୍ସ ଗଠନ କରାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି । ଦାଦନ ଭାବେ ବାହାର ରାଜ୍ୟକୁ କିମ୍ବା ଦେଶକୁ ଯାଉଥିବା ବ୍ୟକ୍ତି ପ୍ରଥମେ ନିଜକୁ ପଞ୍ଜିକରଣ କରାନ୍ତୁ । ଯାହାଫଳରେ ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସରକାର ଆବଶ୍ୟକ ମୁତାବକ ସାହାଯ୍ୟ ଯୋଗାଇ ଦେଇପାରିବେ । ଲେବର୍ କଣ୍ଟ୍ରାକ୍ଟରମାନେ ମଧ୍ୟ ଲାଇସେନ୍ସ ପ୍ରାପ୍ତ ହୋଇଥିବା ଆବଶ୍ୟକ। ସମୟ ସମୟରେ ସେମାନଙ୍କର ଯାଞ୍ଚ କରାଯାଉ । ଅବୈଧ କଣ୍ଟ୍ରାକ୍ଟର ପକ୍ଷେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାର ଦାଦନ ବିସ୍ଥାପିତଙ୍କ ତଥ୍ୟ ରଖିବା ପାଇଁ ଏକ ମୋବାଇଲ ଆପ ବିକାଶ ଏବଂ ଦାଦନ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ କରାଯିବାର ଯୋଜନା କରିଛନ୍ତି । ସୂଚନାଯୋଗ୍ୟ ଯେ, କୋଭିଡ ୧୯ ପରବର୍ତ୍ତୀ ସମୟରେ ପ୍ରାୟ ୮.୩୮ଲକ୍ଷ ଦାଦନ ଓଡ଼ିଶା ଫେରିଥିଲେ । ୨୦୨୪ ବର୍ଷରେ ପ୍ରାୟ ୧୦୩୬ ଜଣକୁ ଲେବର୍ ଲାଇସେନ୍ସ ପ୍ରଦାନ କରାଯାଇଛି ଏବଂ ୯୬ ଥର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି । ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଭଳି ୪ଟି ଜିଲ୍ଲାର ୨୦ ଟି ବ୍ଲକର ୨୯ଟି ଗ୍ରାମ ପଞ୍ଚାୟତରେ ସର୍ଭେ କରାଯାଇଛି । ଏହି ସମସ୍ୟାର ନିରାକରଣ ପାଇଁ ଶ୍ରମିକମାନଙ୍କ ପାରିଶ୍ରମିକ ବୃଦ୍ଧି କରିବା ସହ ସଠିକ ସମୟରେ ଏହି ପାରିଶ୍ରମିକ ସେମାନଙ୍କୁ ଯୋଗାଇବା ଆବଶ୍ୟକ । ଆଇଏସଏମଡବ୍ଲୁ ଆକ୍ଟ, ୧୯୭୯ ଅନ୍ତର୍ଗତ ଅବାଧ ଚାଲାଣକୁ ରୋକିବା ପାଇଁ ଟ୍ରାକିଂ ଓ ଆବଶ୍ୟକସ୍ଥଳେ ପୁଲିସ ତଥା ପ୍ରଶାସନର ମିଳିତ ଉଦ୍ୟମରେ ରେଡ୍ ହେବା ଦରକାର । ଓଡ଼ିଶା ସରକାରଙ୍କ ପକ୍ଷରୁ ୧୮୦୦୩୪୫୬୭୦୩ ନମ୍ବରରେ ଏକ ଟୋଲ ଫ୍ରି ନମ୍ବର ଯୋଗାଇ ଦିଆଯାଇଛି, ଏହାର ସହାୟତା ନେଇପାରିବେ। ଗ୍ରାମ ତଥା ପଞ୍ଚାୟତସ୍ତରରେ ସଚେତନତା ତଥା ସ୍ଥାୟୀ ରୋଜଗାର ସୃଷ୍ଟି ଏବଂ ସରକାରଙ୍କ ପ୍ରଣୀତ ସେବା ଯଥା ବ୍ୟାଙ୍କ, ୟୁପିଆଇ ଭଳି ସେବାର ବ୍ୟବହାର କରିବା ଦ୍ୱାରା ଏହାର ସମାଧାନ ହୋଇପାରିବ ।

# ସିଡ୍‌ନୀରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ଯୋଗଦେବେ ବାଚସ୍ପତି

ଭୁବନେଶ୍ୱର, ୨୮/୧୦ ନ୍ୟୁଜ ବ୍ୟୁରୋ

ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀ ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ନଭେମ୍ବର ୩ ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଯୋଗ ଦେବାପାଇଁ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ବିଦେଶ ଗସ୍ତରେ ଯାଇଛନ୍ତି । ଏହି ୧୪ ଦିନିଆ ବିଦେଶ ଗସ୍ତ ପାଇଁ ବାଚସ୍ପତି ସୋମବାର ଭୁବନେଶ୍ୱରରୁ ଦିଲ୍ଲୀ ଗସ୍ତ କରିଥିବା ବେଳେ ଅକ୍ଟୋବର ୨୯ ତାରିଖରେ ଜାପାନର ଟୋକିଓ ଠାରେ ପହଞ୍ଚିବେ । ନଭେମ୍ବର ୧ ତାରିଖ ଦିନ ଦକ୍ଷିଣ କୋରିଆର ସିଓଲ ଠାରେ



ଓ ନଭେମ୍ବର ୫ ତାରିଖ ଦିନ ଅଷ୍ଟ୍ରେଲିଆର ସିଡ୍‌ନୀ ଠାରେ ପହଞ୍ଚିବେ । ଗସ୍ତର ମୁଖ୍ୟ କାର୍ଯ୍ୟକ୍ରମରେ ସିଡ୍‌ନୀଠାରେ ନଭେମ୍ବର ୬ ତାରିଖ ଦିନ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀର ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ "ସଂସଦୀୟ କାର୍ଯ୍ୟଧାରା ଓ ପରିଚାଳନାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ, ସୁଯୋଗ ଓ ଆହ୍ୱାନ" ଶୀର୍ଷକ ବିଷୟ ଉପରେ ନିଜର ମତ ଓ ବକ୍ତବ୍ୟ ଉପସ୍ଥାପନ କରିବେ । ଏହି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ଦେଶର ବିଭିନ୍ନ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭାର ବାଚସ୍ପତି/ ବିଧାନ ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଧାନ ପରିଷଦର ସଭ୍ୟ/ସଭ୍ୟା ଏବଂ ଲୋକସଭା ଓ ରାଜ୍ୟସଭାର ସାଂସଦ ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେବେ । ଏହି ଅବସରରେ ବାଚସ୍ପତିଙ୍କ ସହ ବିଧାନସଭାର ସଚିବ ଦାଶରଥି ଶତପଥୀ ମଧ୍ୟ ବିଦେଶ ଗସ୍ତରେ ଯାଇଛନ୍ତି ।

# 'ମୋ-ବସ୍' ଏବଂ 'ମୋ-ଇ ରାଇଡ୍' ଜନ ପରିବହନ ସେବା ପାଇଁ ଭୁବନେଶ୍ୱର ଶ୍ରେଷ୍ଠ ପୁରସ୍କୃତ

ଭୁବନେଶ୍ୱର, ୨୮/୧୦
ନ୍ୟୁଜ ବ୍ୟୁରୋ

ପୂର୍ବତନ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ନୀତିକୁ ଅତୀତରେ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସମେତ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିବା ସହ ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରିଛନ୍ତି। ଏହି କ୍ରମରେ ଜନ ପରିବହନ କ୍ଷେତ୍ରରେ ନବୀନଙ୍କ ଅଭିନବ ପଦକ୍ଷେପକୁ ସ୍ୱୀକୃତି ପ୍ରଦାନ କରି କେନ୍ଦ୍ର ସରକାର ପୁରସ୍କୃତ କରିଛନ୍ତି। କେନ୍ଦ୍ର ଗୃହ ନିର୍ମାଣ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଭୁବନେଶ୍ୱରକୁ ଦେଶର ସବୁଠାରୁ ଶ୍ରେଷ୍ଠ ଜନପରିବହନ ବ୍ୟବସ୍ଥାର ସହର ବା 'ସିଟି ଉଇଥ୍ ବେଷ୍ଟ ପବ୍ଲିକ୍ ଟ୍ରାନ୍ସପୋର୍ଟ ସିଷ୍ଟମ୍'ର ମାନ୍ୟତା ଦେବା ସହ ପୁରସ୍କୃତ କରିଛି । ଗୁଜରାଟର ଗାନ୍ଧୀନଗରରେ ଅନୁଷ୍ଠିତ ତିନି ଦିନିଆ ସପ୍ତଦଶ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମ୍ଆଇ) ସମ୍ମିଳନୀ ଏବଂ ପ୍ରଦର୍ଶନୀରେ ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପରିବହନ କ୍ଷେତ୍ରରେ ଦେଶର ଅନ୍ୟ ଶୀର୍ଷ ସହରକୁ ଭୁବନେଶ୍ୱର ପଛରେ ପକାଇବା ସମଗ୍ର ରାଜ୍ୟବାସୀଙ୍କୁ ଗର୍ବିତ କରିଛି । ନାଗରିକମାନଙ୍କ ସୁବିଧା ପାଇଁ ଓଡ଼ିଶା ସରକାରଙ୍କ "କ୍ୟାପିଟାଲ୍



ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ' (କ୍ରୁଟ୍)ର ମୋ ବସ୍ ଏବଂ ମୋ-ଇ ରାଇଡ୍ ସେବାକୁ ଦେଶର ସର୍ବଶ୍ରେଷ୍ଠ ଜନପରିବହନ ବ୍ୟବସ୍ଥା ବୋଲି କୁହାଯାଇଛି । ଛଅ ବର୍ଷ ପୂର୍ବେ ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମୋ' ବସ୍ ଏବଂ ମୋ' ଇ-ରାଇଡ୍ ସେବା ଆରମ୍ଭ ହୋଇଥିଲା। ଏହାର ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ରାଜଧାନୀ ଭୁବନେଶ୍ୱର ସହ କଟକ, ପୁରୀ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁରର ନାଗରିକଙ୍କ ଜୀବନରେ ଅଭିନ୍ନ ଅଙ୍ଗ ପାଲଟିଥିଲା। ଏବେ ସହରୀ ଜୀବନରେ 'ମୋ ବସ୍' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଡିଜିଟାଲ କାରବାର ମୋଟ ଟିକେଟ୍‌ର ୨୫ ପ୍ରତିଶତରୁ ଅଧିକ ହୋଇଛି। ସାରା ଦେଶରେ ଏହା ପ୍ରଶଂସିତ ହୋଇଛି। ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍‌ର ପ୍ରଚଳନ ସହ ସ୍ୱୟଂଚାଳିତ କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିବାରେ କ୍ରୁଟ ଭାରତର ପ୍ରଥମ ଟ୍ରାଞ୍ଜିଟ୍ ଏଜେନ୍ସି ଭାବରେ ମାନ୍ୟତା ଲାଭ କରିଛି। ଗାଡ଼କଣଠାରେ ନୂତନ ଭାବେ ନିର୍ମିତ ଇଲେକ୍ଟ୍ରିକ୍ ବସ୍ ଡିପୋ ଗ୍ରୀନ୍ ବିଲ୍ଡିଂ ମାନଦଣ୍ଡ ଅନୁଯାୟୀ ଡିଜାଇନ୍ ହୋଇଅଛି। ସମସ୍ତଙ୍କ ପାଇଁ ଧାରଣୀୟ, ସ୍ମାର୍ଟ, ସୁବିଧାଜନକ ଏବଂ ନିର୍ଭରଯୋଗ୍ୟ ପରିବହନ ପାଇଁ କ୍ରୁଟ ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ଦିଶା ନିର୍ଦ୍ଦେଶ କରିଛି । ପୁରସ୍କାର ଗ୍ରହଣ କରିବା ଅବସରରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡା ମହାପାତ୍ର ଏକ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ଏହା ଆମର ସାମୂହିକ ପ୍ରତିବଦ୍ଧତାର ପ୍ରତୀକ ବୋଲି କହିଛନ୍ତି । ଏକ ସମୟରେ ସହରାଞ୍ଚଳ ପରିବହନ କ୍ଷେତ୍ରରେ ଓଡ଼ିଶା ଢ଼େର ପଛରେ ରହିଥିଲା। ରାଜ୍ୟର ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ ଓ ସହରାଞ୍ଚଳ ପରିବହନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ କରିବା ସହ କ୍ରୁଟ୍‌ର ପ୍ରତିଷ୍ଠା କରିଥିଲେ। ଦକ୍ଷ ଲୋକଙ୍କୁ ଏହାର ପରିଚାଳନା ବ୍ୟବସ୍ଥା ପ୍ରଦାନ କରାଯିବା ସହ ଅତ୍ୟାଧୁନିକ ଜ୍ଞାନ କୌଶଳକୁ ପ୍ରୟୋଗ କରାଯାଇଥିଲା, ଯାହା ପରବର୍ତ୍ତୀ ସମୟରେ ବିପୁଳ ସଫଳତା ପାଇଥିଲା। ଏହି କ୍ରମରେ ଚଳିତବର୍ଷ ମଧ୍ୟ ଭୁବନେଶ୍ୱର ଦେଶର ସବୁଠାରୁ ଶ୍ରେଷ୍ଠ ଜନପରିବହନ ବ୍ୟବସ୍ଥାର ସହର ଭାବେ ଉଭା ହୋଇଛି। ଗତବର୍ଷ ମଧ୍ୟ କ୍ରୁଟ୍ ୨୦୨୩ ମସିହାରେ ଆୱାର୍ଡ ଅଫ ଏକ୍ସିଲେନ୍ସ ପୁରସ୍କାରରେ ପୁରସ୍କୃତ ହୋଇଥିଲା। ଚଳିତ ପୁରସ୍କାରକୁ ମିଶାଇ କ୍ରୁଟ୍ ଷଷ୍ଠ ଥର ପାଇଁ ଏଭଳି ପୁରସ୍କାର ହାସଲ କରିଛି। ଏହି ଅବସରରେ ଗୁଜରାଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଏବଂ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଡ.ଏନ ଥିରୁମାଲା ନାୟକଙ୍କ ଉପସ୍ଥିତିରେ ଡିଜିଟାଲ୍ ନେଟୱାର୍କ ପାଇଁ ଓପନ୍ ନେଟୱାର୍କ ଫର ଡିଜିଟାଲ୍ ନେଟୱାର୍କ (ଓଏନ୍‌ଡିସି) ସହିତ 'କ୍ରୁଟ' ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ଓଏନ୍‌ଡିସି ସହିତ ମିଳିତ ଭାବେ ଉଭୟ ଚାଳକଙ୍କୁ ସଶକ୍ତ କରିବା ଏବଂ ସାରା ରାଜ୍ୟରେ ଯାତ୍ରୀ ମାନଙ୍କର ଅନୁଭୂତି ଉନ୍ନତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

# ଆମେରିକାରେ ପ୍ରବାସୀ ଭାରତୀୟଙ୍କ ବେଆଇନ ପ୍ରବେଶ : ପ୍ରତି ଘଣ୍ଟାରେ ଅନୁପ୍ରବେଶ କରୁଛନ୍ତି ୧୦ଜଣ

ନୂଆଦିଲ୍ଲୀ, ୨୮/୧୦

ବେଆଇନ ଭାବେ ଆମେରିକାରେ ରହୁଥିବା ଭାରତୀୟ ନାଗରିକଙ୍କୁ ପଠାଇବା ପାଇଁ ଆମେରିକା ଏକ ଚାର୍ଟାର ଫ୍ଲାଇଟ୍ ନିଯୁକ୍ତ କରିଛି। ଗୃହ ସୁରକ୍ଷା ବିଭାଗ କହିଛି ଯେ, ଏହା ଭାରତ ସରକାରଙ୍କ ସହଯୋଗରେ କରାଯାଇଛି। ସେ କହିଛନ୍ତି ଯେ ଅକ୍ଟୋବର ୨୨ରେ ଚାର୍ଟାର ବିମାନ ଭାରତକୁ ପଠାଯାଇଥିଲା। ଇମିଗ୍ରେସନ ନିୟମ ଲାଗୁ କରିବା ଏବଂ ବେଆଇନ ପ୍ରବେଶକୁ ରୋକିବା ପାଇଁ ଆମେରିକା ସରକାର ଏହି ପଦକ୍ଷେପ ନେଇଛନ୍ତି। ଗୃହ ସୁରକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ କ୍ରିଷ୍ଟିଏ କାନେଗାଲୋ କହିଛନ୍ତି ଯେ ଭାରତୀୟ ନାଗରିକଙ୍କ ଆମେରିକାରେ ରହିବାର କୌଣସି ଆଇନଗତ ଆଧାର ନାହିଁ। କାନେଗାଲୋ କହିଛନ୍ତି ଯେ ଡିଏଚ୍ଏସ୍ ଆମେରିକାର ଇମିଗ୍ରେସନ ନିୟମ କାର୍ଯ୍ୟକାରୀ କରିବ। ଏହା ମଧ୍ୟ ଆଇନଗତ ବାଟର ବ୍ୟବହାରକୁ ଉତ୍ସାହିତ କରିବ। ଏଥିସହ, ଯେଉଁମାନେ ବେଆଇନ ଭାବେ ଆମେରିକାରେ ରହୁଛନ୍ତି ସେମାନଙ୍କୁ ଶୀଘ୍ର ଦେଶରୁ ବିତାଡ଼ିତ କରାଯିବ। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ମେକ୍ସିକୋ ସୀମାରୁ ଅନୁପ୍ରବେଶକୁ ବନ୍ଦ କରିବା ପାଇଁ ଜୁନ୍ ୨୦୨୪ରେ ଏକ ଘୋଷଣା ସ୍ୱାକ୍ଷର କରିଥିଲେ। ଏହାକୁ ପ୍ରୋକ୍ଲେମେସନ୍ ଅନ୍ ସିକ୍ୟୁରିଙ୍ଗ୍ ବର୍ଡର୍ ବୋଲି କୁହାଯାଏ। ରାଷ୍ଟ୍ରପତିଙ୍କ ଏହି ନିର୍ଦ୍ଦେଶନାମା ସହିତ ମଧ୍ୟବର୍ତ୍ତୀ ଚୂଡ଼ାନ୍ତ ନିୟମ ଲାଗୁ ହେଲା, ଯାହା ସାହାଯ୍ୟରେ ଦକ୍ଷିଣ-ପଶ୍ଚିମ ସୀମାରେ ଅନୁପ୍ରବେଶରେ ୫୫ ପ୍ରତିଶତ ହ୍ରାସ ଘଟିଛି। ବିବୃତ୍ତିରେ କୁହାଯାଇଛି ଯେ ୨୦୨୪ ଆର୍ଥିକ ବର୍ଷରେ, ଡିଏଚ୍ଏସ୍ ୧ ଲକ୍ଷ ୬୦ ହଜାରରୁ ଅଧିକ ଲୋକଙ୍କୁ ପ୍ରତ୍ୟାବର୍ତ୍ତନ କରିଛି। ଭାରତ ସମେତ ୧୪୫ରୁ ଅଧିକ ଦେଶକୁ ୪୯୫ରୁ ଅଧିକ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ ବିମାନ ଚଳାଚଳ କରିଛି। କାନେଗାଲୋ ଆହୁରି ମଧ୍ୟ କହିଛନ୍ତି ଯେ ଆମେରିକାରେ ରହିବାକୁ କୌଣସି ଆଇନଗତ ଆଧାର ବିନା ନାଗରିକଙ୍କ ପ୍ରତ୍ୟାବର୍ତ୍ତନକୁ ଅନୁମୋଦନ କରିବା ପାଇଁ ଡିଏଚ୍ଏସ୍ ନିୟମିତ ଭାବରେ ବିଶ୍ୱର ବୈଦେଶିକ ସରକାରଙ୍କ ସହ ଜଡ଼ିତ। ବେଆଇନ ସ୍ଥାନାନ୍ତରଣକୁ ହ୍ରାସ କରିବା, ନିରାପଦ ତଥା ଆଇନଗତ ସ୍ଥାନାନ୍ତରଣକୁ ପ୍ରୋତ୍ସାହିତ କରିବା, ମାନବ ଚାଲାଣ ଏବଂ ଶୋଷଣରେ ଜଡ଼ିତ ଥିବା ଲୋକଙ୍କୁ ଉତ୍ତରଦାୟୀ କରିବା ପାଇଁ ଏହି ପ୍ରୟାସ ଆମେରିକା ସରକାରଙ୍କ ବ୍ୟାପକ ରଣନୀତିର ଏକ ଅଂଶ ବୋଲି ସେ କହିଛନ୍ତି। ଗତ ଏକ ବର୍ଷ ମଧ୍ୟରେ, ଡିଏସ୍ଏସ୍ କଲମ୍ବିଆ, ଇକ୍ୟୁଏଡୋର, ପେରୁ, ଇଜିପ୍ଟ, ମୋରିଟାନିଆ, ସେନେଗଲ, ଉଜବେକିସ୍ତାନ, ଚୀନ୍ ଏବଂ ଭାରତ ସମେତ ବିଶ୍ୱର ଅନେକ ଦେଶରୁ ଲୋକଙ୍କୁ ବିତାଡ଼ିତ କରିଛି।

